ବର୍ଷ-୨୪, ସଂଖ୍ୟା-୨୨୨
ଭୁବନେଶ୍ୱର
୧୧ ସେପ୍ଟେମ୍ବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-24, Issue No. 222
Bhubaneswar
11 September, 2024, Wednesday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଖୁବଶୀଘ୍ର ମୁକ୍ତିଲାଭ କରିବ 'ମହାକାଳ'

# ଗୃହରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ

**ଭୁବନେଶ୍ୱର,୧୦।୯(ମହାଭାରତ):** ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆଜି ବିଧାନସଭାରେ ଆଜି ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଛି। ବ୍ୟୟ ମଞ୍ଜୁରୀ ବିଲ ପାରିତ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିବୃତି ରଖିବା ସହ ପୂର୍ବ ସରକାରର ୫-ଟି ସହ ବହୁ ଗୁମର ଖୋଲିଛନ୍ତି।



ବିନିଯୋଗ ବିଲ୍ ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ୫ ବର୍ଷ ଧରି ୫-ଟି ରୂପାନ୍ତରଣ ନାଁରେ ଓଡ଼ିଶାରେ ନାଟକ ଚାଲିଥିଲା। ଏବେ ବିଭିନ୍ନ ସ୍ଥାନକୁ ଗଲେ ରୂପାନ୍ତରଣର ରଙ୍ଗ ଦେଖାଯାଉଛି।ଏସବୁ ହିସାବ ନିକାଶ ହେବ, କାହାକୁ ଛଡାଯିବ ନାହିଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ରାଜସ୍ୱ ବଳକା ରାଜ୍ୟରେ ୫୦ ପ୍ରତିଶତ ପିଲା କାହିଁକି ଦଶମ ଶ୍ରେଣୀରେ ପାଠ ଛାଡୁଥିଲେ ? କାଳିଆ ଯୋଜନାରେ ପୂର୍ବ ସରକାର ଚାଷୀଙ୍କୁ ଠକିଥିଲେ। ନିର୍ବାଚନ ବେଳେ ୧୦ ହଜାର ଦେଲେ, କିନ୍ତୁ ନିର୍ବାଚନ ପରେ ୪ ହଜାରକୁ ଖସାଇ ଦେଲେ। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଚାଷୀଙ୍କ ଆୟ କାହିଁକି କମ? ଶେଷ ହିତାଧିକାରୀ ପର୍ଯ୍ୟନ୍ତ ସୁଭଦ୍ରା ଯୋଜନା ପଞ୍ଜିକରଣ ଚାଲିବ।

ଗତ ୫ ବର୍ଷରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ନାଁରେ ଲୋକଙ୍କୁ ମାରି ଦେଉଥିଲେ ତତ୍କାଳୀନ ସରକାର। ସ୍ୱାସ୍ଥ୍ୟ ସେବା କେବଳ ଟେଲିଭିଜନ ଓ ବିଜ୍ଞାପନରେ ସୀମିତ ଥିଲା। ବିଜେଡ଼ି ସରକାର ଅମଳରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ଯାଇଥିଲା। ଆମ ସରକାର ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ଯୋଜନା କରିଛି। ଚଳିତ ବର୍ଷ ୫ ଶହ ସ୍କୁଲ ଆଦର୍ଶ ବିଦ୍ୟାଳୟ ହେବ। ପର୍ଯ୍ୟାୟକ୍ରମେ ସାରା ରାଜ୍ୟରେ ଏହା କରାଯିବ। ମାଧୋସିଂ ହାତଖର୍ଚ୍ଚ ବାବଦରେ ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କାର ସହାୟତା ଦିଆଯିବ।ଖୁବଶୀଘ୍ର ରାଜ୍ୟ ସରକାର ୨୦ ହଜାର ଶିକ୍ଷକ ପଦବୀ ପୂରଣ କରିବେ। ଏବର୍ଷ ଖାଲିଥିବା ସବୁ ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।

ଏବର୍ଷ ସବୁ ଶିକ୍ଷକ ପଦବୀ ପୂରଣ କରାଯିବ। ପରିବର୍ତ୍ତନ, ବିକାଶ, ସୁଶାସନ ଓ ଅସ୍ମିତା ଉପରେ ସରକାର ଗୁରୁତ୍ୱରୋପ କରୁଛନ୍ତି। ଜନମତ ଆଧାରରେ ବିକାଶ ଓ ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଉଛି। ବଳକା ବଜେଟର ଡିଣ୍ଡିମ ପିଟୁଥିବା ପୂର୍ବ ସରକାରଙ୍କ ଅମଳରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ସବୁ କାହିଁକି ବିପର୍ଯ୍ୟସ୍ତ ହୋଇପଡ଼ିଥିଲା ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ

ଅସନ୍ତୋଷ ପ୍ରକାଶ କରି ବିରୋଧୀ ବିଜେଡ଼ି ଓ କଂଗ୍ରେସର ବିଧାୟକମାନେ ଗୃହରୁ କକ୍ଷତ୍ୟାଗ କରିଥିଲେ।

ବିନିଯୋଗ ବିଲ୍ ଆଲୋଚନାର ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ, ୧୪ ଦିନ ଭିତରେ ୨୧ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଛି। ଷ୍ଟାଣ୍ଡିଂ କମିଟି ଦେଇଥିବା ସୁପାରିଶକୁ ସରକାର ଗୁରୁତର ସହ ବିଚାର କରୁଛନ୍ତି। ସେନେଇ ପଦକ୍ଷେପ ବି ନିଆଯିବ। ପରିବର୍ତ୍ତନ, ବିକାଶ, ସୁଶାସନ ଓ ଅସ୍ମିତା ଉପରେ ଗୁରୁତ୍ୱ ଦେଇ ସରକାର ବିକଶିତ ଓଡ଼ିଶା ଗଠନ କରୁଛନ୍ତି। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶାର ଶହେ ବର୍ଷ ପୂର୍ତ୍ତି ପାଇଁ ଏବେଠାରୁ ବିକଶିତ ଓଡ଼ିଶାର ମୂଳଦୁଆ ପକାଯାଉଛି। ଜନମତକୁ ନେଇ ହିଁ ବିକାଶ ହେବ। ବଜେଟ ପ୍ରସ୍ତୁତି ପାଇଁ ୧୨ ହଜାର ଲୋକଙ୍କ ପରାମର୍ଶ ନିଆଯାଇଛି। ପୂର୍ବ ସରକାର ଯେଉଁ ବଳକା ବଜେଟ୍ କଥା କହୁଛନ୍ତି, ତାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ହିଁ ସମ୍ଭବ ହୋଇପାରିଥିଲା। ପୂର୍ବରୁ ରାଜ୍ୟର ଖଣି ରାଜସ୍ୱ ୧୫ ହଜାର କୋଟି ଟଙ୍କା ଥିଲା କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଖଣିର ନିଲାମ କଲେ। ଯାହାଫଳରେ ରାଜ୍ୟ ବାର୍ଷିକ ଖଣି ରାଜସ୍ୱ ବାବଦରେ ୫୦ ହଜାର କୋଟି ଟଙ୍କା ପାଇପାରିଲେ। ଯଦି ବଳକା ବଜେଟ ଥିଲା ତେବେ ୫୦% ପିଲା କାହିଁକି ଡ୍ରପଆଉଟ୍ ହୋଇଥିଲେ? ମାତୃ ଶିଶୁ ମୃତ୍ୟୁହାର କାହିଁକି ଉଦବେଗଜନକ ଥିଲା? ଲୋକଙ୍କୁ ସର୍ବନିମ୍ନ ମୌଳିକ ସହାୟତା କାହିଁକି ମିଳୁନଥିଲା ? ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ।

# କ୍ଷୟକ୍ଷତିର ରିପୋର୍ଟ ମାଗିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଙ୍ଗଳବାର କୋରାପୁଟ ଓ ମାଲକାନଗିରି ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି। ଶ୍ରୀ ମାଝୀ ସମଗ୍ର ଜିଲ୍ଲାରେ ବର୍ଷା ପରର ସ୍ଥିତିକୁ ନେଇ ସମୀକ୍ଷା କରିଛନ୍ତି। କେଉଁ ନଦୀରେ ଜଳସ୍ତର ବଢ଼ିଛି। କେଉଁକେଉଁ ଅଂଚଳ କେତେ ପ୍ରଭାବିତ ହୋଇଛି। କେଉଁଠି ଘର ଭାଙ୍ଗିଛି, କେତେ ଗଛ ଉପୁଡ଼ିଛି। ସେ ସବୁର ତଥ୍ୟ ନେଇଛନ୍ତି।



ରାଜସ୍ୱ ମନ୍ତ୍ରୀ ସୁରେଶ ପୁଜାରୀ ରାଜ୍ୟର ଲଗାଣ ବର୍ଷା ଓ ବନ୍ୟାର ସମୀକ୍ଷା କରିଛନ୍ତି। ରାଜୀବ ଭବନସ୍ଥିତ ଏସଆରସି କାର୍ଯ୍ୟାଳୟରେ ମନ୍ତ୍ରୀ, ଏସଆରସି ଦେଓରଞ୍ଜନ କୁମାର ସିଂ, ଅତିରିକ୍ତ ଡିଜି ସଞ୍ଜୟ କୁମାର ଓ ବରିଷ୍ଠ ଅଧିକାରୀଙ୍କ ସମେତ ବନ୍ୟା ସ୍ଥିତି ନେଇ ଆଲୋଚନା କରିଛନ୍ତି।ୟ ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି, ୩୦ ଜିଲ୍ଲାରେ ବର୍ଷା ହୋଇଛି।ୟ ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। କୋରାପୁଟ ଜିଲ୍ଲାରେ ମଧ୍ୟ ବର୍ଷାର ପ୍ରଭାବ ରହିଛି। ସମସ୍ତ ଜିଲ୍ଲାପାଳଙ୍କୁ ଆଗୁଆ ସତର୍କ କରାଯାଇଥିଲା।

୬ଟି ଓଡ୍ରାଫ ଓ ୫ ଅଗ୍ନିଶମ ଟିମ ମାଲକାନଗିରି ଜିଲ୍ଲାରେ ନିୟୋଜିତ ହୋଇଥିଲେ ବର୍ଷା ସ୍ୱତେ କାହାର ମୃତ୍ୟୁହୋଇନାହିଁ। ୮୦ଟି ଉଦ୍ଧାର ବୋଟ ନିୟୋଜିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ଗୃହ ବିଭାଗର ସଚିବ ସହିତ ରାଜ୍ୟ ଅତିରିକ୍ତ ଶାସନ ସଚିବ କଥା ହୋଇଥିଲେ ମାଲକାନଗିରି ଜିଲ୍ଲାରେ ୧୭୦୦ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି।

ସମସ୍ତ ରିଲିଫ ସେଣ୍ଟରରେ ସେମାନେ ରହୁଛନ୍ତି। ଜଳ ସମ୍ପୂର୍ଣ୍ଣ ଛାଡିବା ଯାଏଁ ସେମାନେ ରହିବେ ଦୁଇ ଜଣ ବରିଷ୍ଠ ଅଧିକାରୀ ଅଧିକାରୀ ସେଠାରେ ଅଛନ୍ତି। ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଜିଲ୍ଲା ଓ ବ୍ଲକ ପ୍ରଶାସନ ସହିତ ରାଜ୍ୟ ସରକାର ସମନ୍ୱୟ ରଖୁଛନ୍ତି। ମୁଖ୍ୟମନ୍ତ୍ରୀ ଘଟଣା ଉପରେ ନଜର ରଖୁଛନ୍ତି। ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଭୂସ୍ଖଳନ ଯୋଗୁଁ ଜଣେ ଆହତ ହୋଇଛନ୍ତି। ବନ୍ୟା ଓ ବର୍ଷା ଯୋଗୁଁଘର ଭାଙ୍ଗିଛିଫସଲ ନଷ୍ଟ ହୋଇଛି । ସମୀକ୍ଷା ପରେ ରାଜ୍ୟ ସରକାର କ୍ଷତି ପୂରଣ ଯୋଗାଇ ଦେବେ ବୋଲି ମନ୍ତ୍ରୀ କହିଛନ୍ତି।

ସମସ୍ତ ରିଲିଫ ସେଂଟରରେ ସେମାନେ ରହିବେ । ଜଳ ସମ୍ପୂର୍ଣ୍ଣ ଛାଡିବା ଯାଏଁ ସେମାନେ ରହିବେ । ତିନି ଜଣ ବରିଷ୍ଠ ଅଧିକାରୀ ଅଧିକାରୀ ସେଠାରେ ଅଛନ୍ତି । ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଜିଲ୍ଲା ଓ ବ୍ଲକ ପ୍ରଶାସନ ସହିତ ରାଜ୍ୟ ସରକାର ସମନ୍ୱୟ ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଘଟଣା ଉପରେ ନଜର ରଖିଛନ୍ତି । ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି । ଭୁସ୍କଳନ ଯୋଗୁଁ ଜଣେ ଆହତ ହୋଇଛନ୍ତି । ବନ୍ୟା ଓ ବର୍ଷା ଯୋଗୁଁ ଘର ଭାଙ୍ଗିଛି ।

# ଦିଲ୍ଲୀ ରାଜନୀତି ସରଗରମ

## ଦିଲ୍ଲୀ ସରକାରକୁ ବରଖାସ୍ତ ପାଇଁ ବିଜେପିର ଚିଠି, ବିଚାର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ କହିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୦।୯: ଦିଲ୍ଲୀର କ୍ଷମତାସୀନ ଆମ ଆଦମୀ ପାର୍ଟି(ଆପ୍) ସରକାରୁ ବରଖାସ୍ତ କରିବା ପାଇଁ ବିଜେପି ବିଧାୟକମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖିଛନ୍ତି। ସରକାରକୁ ବରଖାସ୍ତ କରିବା ପାଇଁ ବିଜେପି ବିଧାୟକମାନେ ଦେଇଥିବା ଚିଠି ପାଇବା ପରେ ରାଷ୍ଟ୍ରପତି ମୁର୍ମୁ ଏହାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାଖକୁ ପଠାଇ ଦେଇଛନ୍ତି। ଏହା ଉପରେ ବିଚାର କରିବା ପାଇଁ ରାଷ୍ଟ୍ରପତି ମୁର୍ମ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ କହିଥିବା ଜଣାପଡ଼ିଛି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ ଜେଲରେ ଥିବାରୁ ଏବେ ସାମ୍ବିଧାନିକ ସଙ୍କଟ ଦେଖାଯାଇଛି ଓ ପ୍ରଶାସନିକ କାର୍ଯ୍ୟରେ ବିଳମ୍ବ ହେଉଛି। ତେଣୁ ଆପ୍ ସରକାରଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ବିଜେପି ବିଜେପି ପକ୍ଷରୁ ରାଷ୍ଟ୍ରପତିଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ରାଷ୍ଟ୍ରପତି ମୁର୍ମୁ ଏହି ଚିଠିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିକଟକୁ ପଠାଇବା ପରେ ଚିହିଁକି ଉଠିଛି ଆପ୍।

ଆପ୍ ପକ୍ଷରୁ ବିଜେପିକୁ ତୀବ୍ର ସମାଲୋଚନା କରାଯାଇଛି। ଦିଲ୍ଲୀର କ୍ୟାବିନେଟ ମନ୍ତ୍ରୀ ଆତିଶୀ ଅଭିଯୋଗ କରିଛନ୍ତି ଯେ ବିଜେପି ପଛ ଦ୍ୱାରରେ କେଜ୍ରିଓ୍ୱାଲ ସରକାରକୁ ହଟାଇବାକୁ ଚାହୁଁଛି। ଆସନ୍ତା ବର୍ଷର ବିଧାନସଭା ନିର୍ବାଚନରେ ନିଶ୍ଚିତ ପରାଜୟକୁ ଟାଳିବା ପାଇଁ ବିଜେପି ଏପରି ଷଡ଼ଯନ୍ତ୍ର କରୁଛି ବୋଲି ସେ କହିଛନ୍ତି।

ଆତିଶୀ କହିଛନ୍ତି, ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ପରାଜୟ ସ୍ୱୀକାର କରି ସାରିଛି। ନିର୍ବାଚିତ ସରକାରକୁ ଭାଙ୍ଗିବା ହିଁ ବିଜେପିର ଏକମାତ୍ର କାମ। ବିଜେପି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଭୟ କରୁଛି। ଏହା ବିଜେପିର ନୂଆ। ଷଡ଼ଯନ୍ତ୍ର। ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ଖାତା ଖୋଲିପାରିବ ନାହିଁ।

ଆପର ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ମଧ୍ୟ ବିଜେପିକୁ ଟାର୍ଗେଟ କରିଛନ୍ତି ଓ ତାଙ୍କ ଦଳ ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ଘୋଷଣା କରିଛନ୍ତି। ସେ କହିଛନ୍ତି, ଯଦି ବିଜେପି ଶୀଘ୍ର ହାରିବାକୁ ଚାହୁଁଛି, ତା'ହେଲେ ଆସନ୍ତାକାଲି ଦିଲ୍ଲୀ ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରୁ। ଆମେ ନିର୍ବାଚନ ପାଇଁ ପ୍ରସ୍ତୁତ।

ବିଜେପି ବିଧାୟକମାନେ ରାଷ୍ଟ୍ରପତିଙ୍କ ପାଖକୁ ଲେଖିଥିବା ଚିଠିରେ ଦିଲ୍ଲୀ ସରକାରଙ୍କ ବିଫଳତା କଥା ଉଲ୍ଲେଖ କରିଛନ୍ତି। ଦିଲ୍ଲୀ ସରକାର ୬ଷ୍ଠ ଦିଲ୍ଲୀ ଅର୍ଥ କମିଶନ ଗଠନ କରି ନାହାନ୍ତି ଓ ସିଏଜି ଦେଇଥିବା ରିପୋର୍ଟ ଆଧାରରେ କାର୍ଯ୍ୟ କରିନାହାନ୍ତି ବୋଲି ଏଥିରେ କୁହାଯାଇଛି।

ଗୃହ ମନ୍ତ୍ରଣାଳୟ ଏହା ଉପରେ କ'ଣ ଉତ୍ତର ଦେଉଛନ୍ତି ସେ ନେଇ ରାଜନେତିକ ମହଲରେ ଉତ୍କଣ୍ଠା ବୃଦ୍ଧି ପାଇଛି। ଯଦି ଗୃହ ମନ୍ତ୍ରଣାଳୟ ରାଷ୍ଟ୍ରପତିଙ୍କ ଶାସନ ଲାଗୁ ହେବା ନେଇ ରାଜି ହୁଅନ୍ତି, ତେବେ ସମ୍ଭବତଃ ଦିଲ୍ଲୀରେ ରାଷ୍ଟ୍ରପତିଙ୍କ ଶାସନ ଲାଗୁ ହୋଇପାରେ ବୋଲି କୁହାଯାଉଛି।

# ଦୟାନଦୀରେ ହେବ ୫ ମେଗା ପାନୀୟ ଜଳ ପ୍ରକଳ୍ପ

**ଭୁବନେଶ୍ୱର, ୧୦।୯ (ମହାଭାରତ) :** ଦୟା ନଦୀରେ ହେବ ୫ଟି ମେଗା ପାନୀୟ ଜଳ ପ୍ରକଳ୍ପ । ବିଧାନସଭା ପ୍ରଶ୍ନୋତ୍ତର କାଳରେ ଉତ୍ତର ରଖିଲେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ। ମନ୍ତ୍ରୀ ଉତ୍ତର ରଖି କହିଛନ୍ତି, ପୂର୍ବ ସରକାର କେନ୍ଦ୍ରର ଜଳ ସମ୍ପଦ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଚାହୁଁ ନଥିଲେ। ଯେଉଁଥିଲାଗି ଅନେକ ପ୍ରକଳ୍ପ ବିଳମ୍ବ ହୋଇଛି।ଠିକ୍ ସମୟରେ ସର୍ଭେ, ଡିପିଆର ପ୍ରସ୍ତୁତ ହୋଇନାହିଁ । ଆମେ ଯେତେ ଚେଷ୍ଟା କଲେ ବି କିଛି ପ୍ରକଳ୍ପ କାମ ୨୦୨୬ରେ ଶେଷ ହେବ। ଦୟାରୁ ଜଳ ଉଠାଣ ପାଇଁ ୫ଟି ମେଗା ପାନୀୟ ଜଳ ପ୍ରକଳ୍ପ ଡେଲାଙ୍ଗରେ ହେବ। ଦୟା ନଦୀରେ ଜଳଭଣ୍ଡାର ନିର୍ମାଣ ହେବ।ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ । ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ପରାମର୍ଶ ରହିଲା ଯେ, ପ୍ରଦୂଷଣ ମୁକ୍ତ ଜଳ ସଂରକ୍ଷଣକୁ ସରକାର ଗୁରୁ ଦିଅନ୍ତୁ ।

ସମୁଦ୍ରର ଲୁଣି ପାଣିକୁ ପିଇବା ପାଣିରେ ପରିବର୍ତ୍ତନ କରିବା ପାଇଁ ଗୋଟେ କମ୍ପାନୀ ଖୁବ୍‌ଶୀଘ୍ର ଓଡିଶାକୁ ଆସିବାକୁ ଯାଉଛି । ଯେଉଁ କମ୍ପାନୀ ପ୍ରାରମ୍ଭିକ ପର୍ଯ୍ୟାୟରେ ଲୁଣି ପାଣିକୁ ପରୀକ୍ଷା କରିବା ପରେ ନିଷ୍ପତ୍ତି ନିଆଯାଇ ପାରିବ। ବିଧାନସଭାରେ ସୂଚନା ଦେଲେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ।

# ପାଟଣାଗଡ଼ରେ ହିଟ୍ ଆଣ୍ଡ ରନ୍, ଜଣେ ମୃତ

**ପାଟଣାଗଡ଼,୧୦।୯(ମହାଭାରତ):** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ରେ ହିଟ୍ ଆଣ୍ଡ ରନ୍ ଘଟଣା ଦେଖିବାକୁ ମିଳିଛି। ଘର ଆଗରେ ଠିଆ ହୋଇ ୩ ଜଣ ଯୁବତୀ ଗପସପ କରୁଥିବାବେଳେ ଏକ କାର୍ ଅଚାନକ ଧକ୍କା ଦେଇଥିଲା। ଫଳରେ ଜଣକର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତ। ପାଟଣାଗଡ ବେଲପଡ଼ା ବ୍ଲକର ନୁନହାଡ ଗ୍ରାମରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣା ଘଟାଇଥିବା ଢାବା ମାଲିକଙ୍କୁ ପୋଲିସ ଗିରଫ କରିଛି।ଆଜି ସନ୍ଧ୍ୟା ସମୟରେ ନୁନହାଡ ଗ୍ରାମର ଭୋଲେଶ୍ୱରୀ ମାଝୀ, ଯେମନ୍ତ ମାଝୀ ଓ ପ୍ରତିମା ଧାରୁଆ ତାଙ୍କ ଘର ସମ୍ମୁଖରେ ଛିଡା ହୋଇଥିଲେ। ସେହି ସମୟରେ ଏକ କାର ଦ୍ରୁତ ଗତିରେ ଆସି ତିନି ଝିଅଙ୍କୁ ଧକ୍କା ଦେଇଥିଲା। ତିନି ଜଣ ଗୁରୁତର ଅବସ୍ଥାରେ ବେଲପଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ଭୋଲେଶ୍ୱରୀ ମାଝୀ ଗୁରୁତର ହେବାରୁ ତାଙ୍କୁ ପାଟଣାଗଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଭୋଲେଶ୍ୱରୀଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣ ବେଲପଡା ଡାକ୍ତରଖାନା ଓ ପରେ ବଲାଙ୍ଗୀର ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି। ରେ ଚିକିତ୍ସାଧୀନ ଅଛନ୍ତି ଘଟଣା ପରେ ସ୍ଥାନୀୟ ଲୋକେ ଟାୟାର ଜାଳି ବେଲପଡ଼ା କଣ୍ଟାବାଞ୍ଜି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ବେଲପଡ଼ା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲା।

# ୧୦ ବର୍ଷରେ ୪୮ କଲରାପତରିଆ ବାଘ ମୃତ

**ଭୁବନେଶ୍ୱର,୧୦।୯(ମହାଭାରତ):** ଦିନକୁ ଦିନ ଜଙ୍ଗଲରେ ଶିକାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ବନ ବିଭାଗ ଅଧିକାରୀଙ୍କୁ ଚକମା ଦେଇ ବାଘ ଓ ହାତୀଙ୍କ ଶିକାର କରୁଛନ୍ତି ଶିକାରୀ। ଜଙ୍ଗଲରେ ସୁରକ୍ଷିତ ନୁହଁନ୍ତି ହାତୀ ଓ ବାଘ । ବର୍ତ୍ତମାନ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବୃଦ୍ଧି ପାଇବାରେ ଲାଗିଛି। ବିଗତ ୧୦ ବର୍ଷରେ ୨୫ ବାଘ ଓ ୪୧ ହାତୀଙ୍କୁ ହତ୍ୟା କରିଛନ୍ତି ଶିକାରୀ। ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ରଖିଥଲେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପ୍ରଶ୍ନର ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ କହିଛନ୍ତି ଯେ, ଗତ ୧୦ ବର୍ଷ ମଧ୍ୟରେ ୪୮ଟି କଲରାପତରିଆ। ଏବଂ ୭ଟି ମହାବଳ ବାଘଙ୍କର ମୃତ୍ୟୁ ହୋଇଛି। ଏଥିମଧ୍ୟରୁ ୨୫ଟି ବାଘଙ୍କୁ ଶିକାରୀମାନେ ହତ୍ୟା କରିଥିବା ଜଣାପଡ଼ିଛି। ବିଦ୍ୟୁତ ଆଘାତରେ ୪ଟି, ରେଳ ଦୁର୍ଘଟଣାରେ ୨ଟି, ରାସ୍ତା ଦୁର୍ଘଟଣାରେ ୩ଟି, ନଦୀ ନାଳରେ ବୁଡ଼ି ୬ଟି ବାଘଙ୍କର ମୃତ୍ୟୁ ହୋଇଛି। ସେହିଭଳି ଗତ ୧୦ ବର୍ଷ ମଧ୍ୟରେ ୪୧ଟି ହାତୀଙ୍କୁ ହତ୍ୟା କରାଯାଇଥିବା ବେଳେ ୭୧୯ଟି ହାତୀଙ୍କ ବିଭିନ୍ନ କାରଣ ପାଇଁ ମୃତ୍ୟୁ ହୋଇଛି।୨୦୧୩-୧୪ରୁ ୨୦୨୩-୨୪ ମଧ୍ୟରେ ହାତୀ ମଣିଷ ଲଢ଼େଇରେ ୧୧୪୫ ଜୀବନ ଯାଇଥିବା କହିଛନ୍ତି ମନ୍ତ୍ରୀ।

# ସାଇବର ଅପରାଧ ରୋକିବାକୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ

ନୂଆଦିଲ୍ଲୀ,୧୦।୯(ପିଆଇବି): କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର (ଆଇ୪ସି)ର ପ୍ରଥମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦବୋଧନ ଦେବା ସହିତ ସାଇବର ଅପରାଧ ରୋକିବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଗୃହମନ୍ତ୍ରୀ ସାଇବର ଠିକେଇ ପ୍ରଶମନ କେନ୍ଦ୍ର (ସିଏଫ୍‌ଏମସି)କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କରିବା ସହ ସମନ୍ୱୟ ପ୍ଲାଟଫର୍ମ (ଯୁଗ୍ମ ସାଇବର ଅପରାଧ ଅନୁସନ୍ଧାନ ସୁବିଧା ପ୍ରଣାଳୀ)ର ଶୁଭାରମ୍ଭ କରିଛନ୍ତି। ଅମିତ ଶାହ 'ସାଇବର କମାଣ୍ଡୋ' କାର୍ଯ୍ୟକ୍ରମ ଏବଂ ସନ୍ଦିଗ୍ଧ ରେଜିଷ୍ଟ୍ରିକୁ ମଧ୍ୟ ଉଦଘାଟନ କରିଥିଲେ । କେନ୍ଦ୍ର ଗୃହମନ୍ତ୍ରୀ ଆଇ୪ସିର ନୂଆ। ଲୋଗୋ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ବାନ୍ଦୀ ସଞ୍ଜୟ କୁମାର, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଆଇବି ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା), ବିଭିନ୍ନ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକ/ ବରିଷ୍ଠ ପୋଲିସ ଅଧିକାରୀ, ବିଭିନ୍ନ ସରକାରୀ ଅନୁଷ୍ଠାନର ଅଧିକାରୀ, ବିଭିନ୍ନ ବ୍ୟାଙ୍କ/ଆର୍ଥିକ ମଧ୍ୟସ୍ଥି, ଫିନଟେକ୍, ଗଣମାଧ୍ୟମ କର୍ମକର୍ତ୍ତା, ସାଇବର କମାଣ୍ଡୋ, ଏନସିସି ଏବଂ ଏନଏସଏସ କ୍ୟାଡେଟମାନେ ଉପସ୍ଥିତ ଥିଲେ।



ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମରେ 'ସୁରକ୍ଷିତ ସାଇବର ସ୍ପେସ୍' ଅଭିଯାନ ଅଧୀନରେ ୨୦୧୫ରେ ଆଇ୪ସି ପ୍ରତିଷ୍ଠା କରାଯାଇଥିଲା, ସେବେଠାରୁ ଏହା ଏକ ସାଇବର ସୁରକ୍ଷିତ ଭାରତର ଏକ ଶକ୍ତିଶାଳୀ ସ୍ତମ୍ଭ ରେ ପରିଣତ ହେବା ଦିଗରେ କ୍ରମାଗତ ଭାବେ ଅଗ୍ରସର ହୋଇଚାଲିଛି ୟ ୨୦୧୫ରୁ ୨୦୨୪ ପର୍ଯ୍ୟନ୍ତ ୯ ବର୍ଷର ଯାତ୍ରାରେ ଏହି ଅବଧାରଣା ଏକ ପ୍ରୟାସରେ ପରିଣତ ହୋଇଥିଲା ଏବଂ ପରେ ଏକ ଅନୁଷ୍ଠାନରେ ପରିଣତ ହୋଇଥିଲାୟ ବର୍ତ୍ତମାନ ଏହା ଏକ ସାଇବର ସୁରକ୍ଷିତ ଭାରତର ଏକ ବିଶାଳ ସ୍ତମ୍ଭ ରେ ପରିଣତ ହୋଇସାରିଛି।

# ଇତିହାସ ବଦଳାଇବାକୁ ହେଉଛି ଅପଚେଷ୍ଟା : ନବୀନ

ଭୁବନେଶ୍ୱର,୧୦।୯(**ମହାଭାରତ**): ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ବିବାଦ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁହଁ ଖୋଲିଛନ୍ତି। ସେ ଆଜି ସୋସିଆଲ୍ ମିଡ଼ିଆରେ ବିଜେପିକୁ ସମାଲୋଚନା କରିଛନ୍ତି। ସୋସିଆଲ୍ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ନବୀନ ଟ୍ୱିଟ କରିଛନ୍ତି ଯେ, ରାଜ୍ୟର ଇତିହାସକୁ କିଛି ଲୋକ ବିକୃତ କରିବାକୁ ଅପଚେଷ୍ଟା କରୁଛନ୍ତି। ଏହା ଆଗାମୀ ପୀଢ଼ି ପାଇଁ ଏହା କି ବାର୍ତ୍ତା ଦେବ। କଥାରେ କୋଣାର୍କ ହୁଏନି, ଗୋଟିଏ ଅନୁଷ୍ଠାନ ଗଢିବା ସହଜ ନୁହେଁ। ଏଥିପାଇଁ ଅନେକ ତ୍ୟାଗ ଓ ତପସ୍ୟା ଦରକାର। ସାମୟିକ ସଫଳତାରେ ମଦମତ୍ତନେତା ନୂଆ ଇତିହାସ ଲେଖିବାକୁ ଚେଷ୍ଟା କରୁଛନ୍ତି। ଓଡ଼ିଆ ଭାଷା ପାଇଁ ଫକୀର ମୋହନଙ୍କ ଅବଦାନ ଅତୁଳନୀୟ। ଓଡ଼ିଶାର ବିକାଶରେ ମୟୂରଭଞ୍ଜ ରାଜାଙ୍କ ଅବଦାନ ନେଇ ସମସ୍ତେ ଜାଣନ୍ତି। ବରପୁତ୍ରଙ୍କୁ ବ୍ୟକ୍ତିତ୍ୱକୁ ମଳିନ କଲେ କାହାରି ଅସ୍ତିତ୍ୱ ରହିବ ନାହିଁ।

# ରାଜ୍ୟରେ ଗଡ଼ିବ ୩ ବନ୍ଦେ ଭାରତ ଟ୍ରେନ

**ଭୁବନେଶ୍ୱର,୧୦।୯(ମହାଭାରତ):** ଚଳିତ ମାସ ୧୫ ତାରିଖରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଦେଶରେ ୧୦ଟି ନୂତନ ବନ୍ଦେ ଭାରତ ଟ୍ରେନ ଚଳାଚଳର ଶୁଭାରମ୍ଭ ହେଉଛି। ତନ୍ମଧ୍ୟରୁ ଓଡିଶା ମଧ୍ୟରେ ୩ଟି ଟ୍ରେନ ଚଳାଚଳ କରିବ । ଏହି ଟ୍ରେନ ଗୁଡିକ ହେଲା ଟାଟା-ବ୍ରହ୍ମପୁର ବନ୍ଦେ ଭାରତ,ରାଉରକେଲା-ହାଓ୍ୱଡା ବନ୍ଦେ ଭାରତ ଏବଂ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ବ୍ରହ୍ମପୁର ଷ୍ଟେସନଠାରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି।

ପୂର୍ବତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ ଆଜି ବିଧାନସଭା କାର୍ଯ୍ୟାଳୟ ପ୍ରକୋଷ୍ଠାରେ କେନ୍ଦ୍ର ରେଳ ମନ୍ତ୍ରାଳୟ ପକ୍ଷ ରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଗାମୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହେଉଥିବା ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ ସମାରୋହରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଏଥିନିମନ୍ତେ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ଓ ଚିଠି ମାଧ୍ୟମ ରେ ଅନୁରୋଧ କରିଛନ୍ତି। ବର୍ତ୍ତମାନ ଓଡିଶା ମଧ୍ୟରେ ୩ ଟି ବନ୍ଦେ ଭାରତ ଟ୍ରେନ ଚଳାଚଳ କରୁଛି। ନୂତନ ୩ ଟି ଟ୍ରେନ ମିଶିଲେ ସମୁଦାୟ ୬ଟି ବନ୍ଦେ ଭାରତ ଟ୍ରେନ ଓଡିଶାବାସୀଙ୍କୁ ସେବା ଯୋଗାଇବ। ଚଳିତ ବର୍ଷ ବଜେଟରେ ଓଡିଶା ରେଳ ଭିତିଭୂମିକୁ ସୁଦୃଢ କରିବା ପାଇଁ ରେକର୍ଡ ୧୦,୫୮୬ କୋଟି ଟଙ୍କା କେନ୍ଦ୍ର ସରକାର ଯୋଗେଇ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୫୪,୪୩୪ କୋଟି ଟଙ୍କାର ରେଳ ଭିତିଭୂମି ନିର୍ମାଣ କାର୍ଯ୍ୟ ଜାରିରହିଛି । ଏଥିରୁ, ଓଡିଶାର ରେଳ ଭିତିଭୂମି ଓ ଗମନାଗମନ ବ୍ୟବସ୍ଥାର ଉନ୍ନତିକରଣ ପାଇଁ କେନ୍ଦ୍ର ସରକାରଙ୍କ ଆନ୍ତରିକ ସମର୍ଥନ ସ୍ପଷ୍ଟ ଅନୁମେୟ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ଏହି ନିମନ୍ତ୍ରଣ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ବଜ୍ରପାତରେ ଦୁଇ ଚାଷୀ ମୃତ

**ବୈଶିଙ୍ଗା,୧୦।୯(ମହାଭାରତ) :** ମୟୂରଭଂଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଖଡ଼ିଶୋଳ ପଞ୍ଚାୟତର ଡୁମାପଦା ଗାଁରେ କ୍ଷେତରେ କାମ କରୁଥିବା ବେଳେ ମଙ୍ଗଳବାର ବଜ୍ରପାତରେ ଦୁଇଜଣ ଭାଗ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଉଛନ୍ତି ବେତନଟୀ ଥାନା ଅଧୀନ ଭୁଡୁରୁବଣି ଗାଁର ସ୍ୱର୍ଗତ ଅନୁକୂଳ ମହାନ୍ତଙ୍କ ପୁଅ ଗୋବିନ୍ଦ(୫୨) ଏବଂ ଶଙ୍ଖଯୋଡ଼ ଗ୍ରାମର ରାମ ହାଁସଦାଙ୍କ ପୁଅ ଶିବ ହାଁସଦା(୩୦)। ଗୋବିନ୍ଦ ଏବଂ ଶିବ ଡୁମାପଦା ଗ୍ରାମର ଉମେଶଚନ୍ଦ୍ର ମହାନ୍ତଙ୍କ ବିଲକୁ ଭାଗ ସୂତ୍ରରେ ନେଇ ଚାଷ କରୁଥିଲେ। ମଙ୍ଗଳବାର ଚାଷକାମ ପାଇଁ କ୍ଷେତକୁ ଉଭୟ ଯାଇଥିଲେ। ସେମାନେ ବିଲରେ ଚାଷକାମ କରୁଥିବା ବେଳେ ହଠାତ ବର୍ଷା ସହ ବଜ୍ରପାତ ହୋଇଥିଲା।

# ତରବରିଆ ଭାବେ ହୋଇଥିଲା ଏନଏସି ଘୋଷଣା

ଭୁବନେଶ୍ୱର,୧୦।୯: ନିର୍ବାଚନ ପୂର୍ବରୁ ବିଜେଡି ସରକାର ୫୭ଟି ନୂଆ ଏନ୍‌ଏସି ଘୋଷଣା କରିଥିଲେ। ତେବେ ଏହାର କାର୍ଯ୍ୟକାରୀ ନେଇ ନାନା ପ୍ରଶ୍ନ ଉଠିଥିଲା। ତେବେ ଶାସନ ପରିବର୍ତ୍ତନ ହେବା ପରେ ବିଧାନସଭାରେ ନୂଆ ଏନଏସି ଘୋଷଣା ପ୍ରସଙ୍ଗ ଉଠିଛି। ଏ ନେଇ ବିଭାଗୀୟ ମନ୍ତ୍ରୀ କହିଛନ୍ତି ଯେ, ଜିଲ୍ଲାପାଳଙ୍କ ବିନା ରିପୋର୍ଟରେ ଅତ୍ୟନ୍ତ ତରବରିଆ ଭାବେ ନିର୍ବାଚନକୁ ଆଖିଆଗରେ ରଖି ସରକାର ନୂଆ। ଏନଏସି ନେଇ ଘୋଷଣା କରିଥିଲେ।

ବିଧାୟକ ପ୍ରତାପ ଦେବ ଏବଂ ଗଣେଶ୍ୱର ବେହେରା ଗତ ନିର୍ବାଚନ ବେଳେ ରାଜ୍ୟରେ ଘୋଷିତ ୫୭ଟି ନୂଆ। ଏନଏସିର ସ୍ଥିତି ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏନେଇ ଗୃହରେ ସ୍ୱଷ୍ଟୋକ୍ତି ରଖିଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ଉତ୍ତରରେ ମନ୍ତ୍ରୀ କହିଛନ୍ତି, ବିଧି ଅନୁଯାୟୀ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ନୂଆ ଏନଏସି ଘୋଷଣା କରାଯାଇଥାଏ। କୌଣସି ଅଞ୍ଚଳକୁ ଏନଏସି ଘୋଷଣା କରିବା ପାଇଁ ନିର୍ଦ୍ଦିଷ୍ଟ ବିଧି ବ୍ୟବସ୍ଥା, ମାନଦଣ୍ଡ ରହିଛି। ଓଡ଼ିଶା ପୌର ଅଧିନିୟମ, ୧୯୫୦ ଏବଂ ଗ୍ରାମୀଣ ସହର ନୀତିରେ ଥିବା ନିୟମାବଳୀକୁ ଯଦି କୌଣସି ଅଞ୍ଚଳ ପୂରଣ କରୁଥିବେ, ଏନଏସି ଘୋଷଣାରେ କୌଣସି ଅସୁବିଧା ନାହିଁ ତେବେ ଏଥିପାଇଁ ଜିଲ୍ଲାପାଳଙ୍କ ରିପୋର୍ଟ ଆବଶ୍ୟକ ଅଟେ। ଜିଲ୍ଲାପାଳଙ୍କ ରିପୋର୍ଟ ହସ୍ତଗତ ହେବା ପରେ ବିଭାଗ ଏହାକୁ ତର୍ଜମା କରିବ ଏହାପରେ ନୂଆ ଏନଏସି ପାଇଁ ବିଭାଗ ପଦକ୍ଷେପ ନେବ ବୋଲି ସେ କହିଛନ୍ତି। ତେବେ ଏହି ୫୭ ପ୍ରସ୍ତାବିତ ଏନଏସି ପାଇଁ ତତ୍କାଳୀନ ସରକାର ଜିଲ୍ଲାପାଳଙ୍କୁ ରିପୋର୍ଟ ମାଗିଥିଲେ। ମାତ୍ର ଜିଲ୍ଲାପାଳଙ୍କ ବିନା ରିପୋର୍ଟରେ ଅତ୍ୟନ୍ତ ତରବରିଆ ଭାବେ ନିର୍ବାଚନକୁ ଆଖିଆଗରେ ରଖି ସରକାର ନୂଆ ଏନଏସି ନେଇ ଘୋଷଣା କରିଥିଲେ। ବର୍ତ୍ତମାନ ବିଭାଗ ପକ୍ଷରୁ ଉକ୍ତ ୫୭ ଏନଏସି ପାଇଁ ଜିଲ୍ଲାପାଳଙ୍କୁ ରିପୋର୍ଟ ମଗାଯାଇଛି। ରିପୋର୍ଟ ମିଳିଲେ ବିଭାଗ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବ। ଏହାସହ ରାଜ୍ୟରେ ଆଉ ୧୮ଟି ନୂଆ। ଏନଏସି ପାଇଁ ରିପୋର୍ଟ ମଗାଯାଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି। ନୂଆ। ଏନଏସି ଗଠନ ନେଇ ପ୍ରଶ୍ନକାଳରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଜୟପୁର ବିଧାୟକ ତାରା ବାହିନୀପତି, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ , ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପ୍ରମୁଖ ପ୍ରଶ୍ନ କରିଥିଲେ।



# ଦେଶୀ ଆଳୁ ଚିକେନ୍ ବରା



**ଆବଶ୍ୟକ ସାମଗ୍ରୀ:** ଦେଶୀ ଆଳୁ ବା ଖମ୍ବଆଳୁ, ଚିକେନ୍ କିମ୍ବା କଷା, ବେସନ, ବିସ୍କୁଟ ଗୁଣ୍ଡ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜୀରା ଗୁଣ୍ଡ,ସ୍ୱାଦ ଅନୁସାରେ ଲୁଣ ଏବଂ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:**ପ୍ରଥମେ ଦେଶୀ ଆଳୁ ବା ଖମ୍ବ ଆଳୁକୁ କାଟି ଲୁଣ ଦେଇ ସିଝାଇ ଦିଅନ୍ତୁ । ସେହିପରି ଚିକେନ୍ କିମାକୁ ମଧ୍ୟ ମସଲା ଦେଇ କଷି ଦିଅନ୍ତୁ । ଦେଶୀ ଆଳୁ ସିଝି ଗଲା ପରେ ସେଥିରେ ବେସନ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜୀରା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ଓ ଚିକେନ୍ କଷା ପକାଇ ଭଲ ଭାବେ ଚକଟନ୍ତୁ । ତା'ପରେ ଏହି ଚକଟାକୁ ଗୋଲ ଗୋଲ କରି ବରାର ଆକାର ଦିଅନ୍ତୁ ଓ ଏହାପରେ ବିସ୍କୁଟ ଗୁଣ୍ଡର ପ୍ରଲେପ ଦେଇ ତେଲରେ ଛାଣି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଦେଶୀ ଆଳୁ ଚିକେନ୍ ବରା' ।

ଖବର

# ଖୁବ ଶୀଘ୍ର ମୁକ୍ତିଲାଭ କରିବ 'ମହାକାଳ'




ଖୁବ ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ଫିଲ୍ମ 'ମହାକାଳ' । ଦେଭ୍ ଏଣ୍ଟରଟେନମେଣ୍ଟ□ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ନାୟକ ଭୂମିକାରେ ଦେଭ୍ ନଜର ଆସିବେ । ଫିଲ୍ମର ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ମଧ୍ୟ ଦେଭ୍ ସମ୍ଭାଳିଛନ୍ତି । କାହାଣୀ, ଡାଇଲଗ୍ ଦାୟିତ୍ୱ ନେଇଛନ୍ତି ଭରଦ୍ୱାଜ ପଣ୍ଡା । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୁଡଲି ରଥ ୟଫିଲ୍ମର କାହାଣୀ ଜଙ୍ଗଲପୋଡି ଉପରେ ପର୍ଯ୍ୟବେସିତ । ଏଥିରେ ପରିବେଶ ସୁରକ୍ଷା ନେଇ ବାର୍ତ୍ତା ଦିଆଯାଇଛି । ସିନେମାରେ ଭରପୁର କମେଡି ରହିଛି ଯାହା ଦର୍ଶକଙ୍କୁ ହସର ଖୋରାକ ଯୋଗାଇବ । ଆଦିବାସୀଙ୍କ ଜୀବନ ଶୈଳୀ ଏବଂ ଜଙ୍ଗଲ ସୁରକ୍ଷାକୁ ନେଇ ସେମାନେ କେତେ ସଚେତନ ସେନେଇ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ ।ଚଳଚ୍ଚିତ୍ର ସିକ୍କିମ, ଗ୍ୟାଙ୍ଗଟକ୍, ବାଲେଶ୍ୱର, ବାରିପଦା ଓ ଭୁବନେଶ୍ୱରରେ ଏହାର ସୁଟିଂ ହୋଇଛି । ଫିଲ୍ମରେ ହିରୋ ଭୂମିକାରେ ଦେଭ୍ ନଜର ଆସିବେ । ସେ ପୂର୍ବରୁ 'ପ୍ରେମ ତୋର ନଟି ନଟି'ରେ ନଜର ଆସିଥିଲେ । ଅଭିନେତ୍ରୀ ଭୂମିକାରେ ମୋନାଲି ନଜର ଆସିବେ। ସହ କଳାକାର ଭାବେ ଅସିତ ପତି, ବ୍ରଜ ସିଂ, ଡିସ୍କୋ ରେଡ୍ଡି, ବାପି, ଆରକେ, ମନ୍ମଥ ମିଶ୍ର ନଜର ଆସିବେ। ମିଡିଆ ପ୍ଲାନର ଦାୟିତ୍ୱ ତୁଲାଉଛନ୍ତି ଅମରେଶ୍ ।

# କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ



କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ୍ୟ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ୍ୟ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ୍ୟ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ଜ୍ୱରର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ୍ୟ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ୍ୟ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ୍ୟ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

# କୋମଳ ଓ ଗୋଲାପି ଓଠ ପାଇଁ....



ଅନେକ ସମୟରେ ବହୁ ଲୋକଙ୍କ ଓଠ ଶୁଷ୍କ ହୋଇଥାଏ। ଏହାସହ ଓଠରେ ଏକ କଳା ରଙ୍ଗର ଆସ୍ତରଣ ରହିବା ଭଳି ମଧ୍ୟ ଅନୁଭବ ହୋଇଥାଏ। ଆପଣ ଯଦି ଏହି ସମସ୍ୟା ପାଇଁ ଚିନ୍ତିତ ତେବେ ଆପଣାନ୍ତୁ ଏହି ଘରୋଇ ଉପାୟ ବିଷୟରେ

■ ଅଧ ଚାମଚ କଫି ଗୁଣ୍ଡରେ ଅଳ୍ପ କିଛି ସର ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଓଠରେ ଲଗାଇ ୨ ରୁ ୩ ମିନିଟ ରଖନ୍ତୁ। ଏହାପରେ ହାତ ଆଙ୍ଗୁଠି ଟିପରେ ଧିରେ ଧିରେ ଏହାକୁ କାଢି ଦିଅନ୍ତୁ।

■ ଏହାପରେ ମୁହଁ ଓ ଓଠକୁ ସାଧାରଣ ପାଣିରେ ଧୋଇ ଦିଅନ୍ତୁ। ପରେ ଓଠରେ ଆପଣ ନିୟମିତ ବ୍ୟବହାର କରୁଥିବା ଲିପବାମ୍ ଲଗାନ୍ତୁ। ଏଭଳି କରିବା ଦ୍ୱାରା ୫ ରୁ ୭ ମିନିଟ ମଧ୍ୟରେ ଶୁଷ୍କପଣ ଦୂର ସହ ଓଠର ରଙ୍ଗକୁ ଗୋଲାପି କରିଥାଏ। ସପ୍ତାହକୁ ୩ ରୁ ୪ଥର ଏହି ଉପାୟ କରନ୍ତୁ।

■ ଆପଣ ମଧ୍ୟ ଯଦି ନିଜ ଓଠ ରଙ୍ଗକୁ ପ୍ରାକୃତିକ ଉପାୟରେ ଗୋଲାପି କରିବାକୁ ଚାହୁଁଛନ୍ତି ଜାଣନ୍ତୁ ଏହି ଘରୋଇ ଉପାୟ ବିଷୟରେ

ଆବଶ୍ୟକ ସାମଗ୍ରୀ: ବିଟ, ବାଦାମ ତେଲ

ପ୍ରଥମେ ବିଟକୁ ଭଲ ଭାବେ ଧୋଇ ଏହାର ଚୋପାକୁ ବାହାର କରି , ଏହାକୁ କୋରି ଦିଅନ୍ତୁ। କୋରା ହୋଇଥିବା ବିଟକୁ ଶୁଖାଇ ଦିଅନ୍ତୁ। ଭଲ ଭାବେ ଏହାକୁ ଶୁଖାଇବା ପରେ ଏହାକୁ ପେଷି ପାଲିସ ଭାବେ ଗୁଣ୍ଡ କରି ଦିଅନ୍ତୁ। ୨ଚାମଚ ବିଟ ଗୁଣ୍ଡରେ ୨ ଚାମଚ ବାଦାମ ତେଲକୁ ଭଲ ଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣ ବା ପ୍ରସ୍ତୁତ ଲିପ ବାମକୁ ଛୋଟ କାଚ ବୋତଲରେ ଭର୍ତ୍ତି କରି ଫ୍ରିଜରେ ରଖନ୍ତୁ। ନିୟମିତ ଦିନ ସମୟରେ ୨ରୁ ୩ ଥର ଓ ରାତିରେ ଥରେ ଏହାକୁ ଲଗାଇ ଶୁଅନ୍ତୁ। ଏକ ମାସ ଲଗାଇବା ପରେ ଏହାର ଚମତ୍କାରିତା ଅନୁଭବ କରିପାରିବେ।

# ମୋତି ସହ ଜଡିତ ବିଶେଷ ମହତ୍ୱ



ମୋତି ଏକ କଠୋର ପଦାର୍ଥ, ଏହା କୋମଳ ଜୀବଙ୍କ ଠାରୁ ମିଳିଥାଏ। ସେହି ମୋତିକୁ ଅସଲି ମୋତି କୁହାଯାଏ, ଯାହା ଚିକ୍କଣ ଓ ଗୋଲ। ଏତଦ ବ୍ୟତୀତ ମୋତୀ ଅନ୍ୟ ଆକାରର ମଧ୍ୟ ରହିଛି। ଏହାକୁ ରତ୍ନ ରୂପରେ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ମଧ୍ୟ ବ୍ୟବହାର କରାଯାଏ। ମୋତିକୁ ମୁଖ୍ୟତଃ ଚନ୍ଦ୍ରମାଙ୍କର ରତ୍ନ ବୋଲି କୁହାଯାଏ। ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ହେଉ କିମ୍ବା ଜୀବନରେ ଥିବା ସମସ୍ୟା ଗୁଡ଼ିକୁ ଦୂର କରିବା ପାଇଁ ହେଉ ମହିଳାମାନେ ମୋତିରେ ନିର୍ମିତ ବିଭିନ୍ନ ଆଭୂଷଣକୁ ବ୍ୟବହାର କରିଥାଆନ୍ତି। ମାତ୍ର ଏହି ମୋତି ସହ ଜଡ଼ିତ କିଛି ଗୁରୁତ୍ୱପୂର୍ଣ୍ଣ କଥା ରହିଛି। ଯାହା ହୁଏତ ସଭିଏଁ ଜାଣିନଥିବେ। ଏହାକୁ ସଠିକ ଭାବେ ଓ ସଠିକ ଅଙ୍ଗରେ ଧାରଣ କରିବା ଦ୍ୱାରା ଜୀବନରେ ଥିବା ସମସ୍ୟା ଦୂର ହୋଇଥାଏ ଓ ଆପଣଙ୍କ ଭାଗ୍ୟରେ ସୁପରିବର୍ତ୍ତନ ଆସିଥାଏ। ମାତ୍ର ବର୍ତ୍ତମାନ ସମୟରେ ବଜାରରେ ନକଲି ଓ ରଙ୍ଗବେରଙ୍ଗର ମୋତି ମଧ୍ୟ ମିଳୁଛି। ଅସଲି ମୋତି ଧାରଣ କରିବା ଦ୍ୱାରା ଆମକୁ ବହୁ ଶୁଭଫଳ ପ୍ରାପ୍ତି ହୋଇଥାଏ। ତେଣୁ ମୋତି ଅସଲି କି ନକଲି ଏହାର ଚିହ୍ନଟ କରିବା ଆବଶ୍ୟକ। ଆସନ୍ତୁ ଜାଣିବା ଅସଲି ମୋତିକୁ ଚିହ୍ନିବେ କିପରି ?

■ଦାନ୍ତରେ କାମୁଡ଼ିବା ଦ୍ୱାରା ଅସଲି ମୋତି ଭାଙ୍ଗି ଯାଏ।

■ମୋତିକୁ କପଡ଼ା ବ୍ୟବହାର କରି ଅଧିକ ସମୟ ପୋଛିଲେ ଏହାର ଚମକ ବୃଦ୍ଧି ପାଇଥାଏ।

■ ନଖରେ ରାମ୍ପିଲେ ମଧ୍ୟ ଏହାର ରଙ୍ଗ ଉପରେ କୌଣସି ପ୍ରଭାବ ପଡ଼ିନଥାଏ।

ଯେଉଁ ମୋତିର ଚମକ ନଥାଏ, ତାହାକୁ ଧାରଣ କରିବା ଉଚିତ ନୁହେଁ।

■ ଏହା ସାମାନ୍ୟ ଭାଙ୍ଗି ଥିଲେ ମଧ୍ୟ ଏହାକୁ ଧାରଣ କରିବା ଉଚିତ ନୁହେଁ। କାରଣ ଜୀବନରେ କୁପ୍ରଭାବ ପଡ଼ିବା ସହ ସମସ୍ୟା ଲାଗି ରହେ।

■ ମୋତି ଉପରେ ଅନ୍ୟ ରଙ୍ଗର ଆସ୍ତରଣ ସୃଷ୍ଟି ହେବା ଭଳି ଦେଖାଗଲେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

■ ଅସଲ ମୋତି ଧାରଣ ନକଲେ କର୍ମକ୍ଷେତ୍ରରେ ମଧ୍ୟ ସମସ୍ୟା ସୃଷ୍ଟି ହୋଇଥାଏ।

■ ମୋତି ସହ ଜଡ଼ିତ କିଛି ଗୁରୁତ୍ୱପୂର୍ଣ୍ଣ କଥା ବିଷୟରେ ଜାଣନ୍ତୁ

ଯଦି ଆପଣ ଠିକ ସମୟରେ ସଠିକ ନିଷ୍ପତ୍ତି ନେଇପାରୁନାହାନ୍ତି ତେବେ ଆପଣ ନିଜ ହସ୍ତର ମୋତି ଧାରଣ କରିବା ଉଚିତ। ମୋତି ଧାରଣ ପରେ ସୋମବାର ଦିନ ପ୍ରଭୁ ଗଣେଶଙ୍କ ନିକଟରେ ପ୍ରାର୍ଥନା କରନ୍ତୁ। ଏହାଦ୍ୱାରା ଖୁବ ଶଭୁଫଳ ପ୍ରାପ୍ତି ହୋଇଥାଏ।

■ ପରିଶ୍ରମ କରିବା ପରେ ମଧ୍ୟ ସଠିକ ଫଳ ନମିଳିଲେ ଓ ଆଶାନୁଯାୟୀ ଧନ ସଞ୍ଚୟ ହୋଇପାରୁନଥିଲେ, ଆପଣ ପୂଜାସ୍ଥାନରେ ଦୁଇଟି ମୋତିକୁ ହଳଦିଆ କପଡ଼ାରେ ବାନ୍ଧି ରଖି ଦିଅନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ଘରେ ଧନର ଅଭାବ ରହିବ ନାହିଁ।

■ ଦାମ୍ପତ୍ୟ ଜୀବନରେ ସମସ୍ୟା ଥିଲେ ଆପଣ ନିଜ ପତ୍ନୀଙ୍କୁ ବାମ ହସ୍ତରେ ମୋତି ଧାରଣ କରିବାକୁ ଦିଅନ୍ତୁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ ଥିବା ସମସ୍ୟା ଦୂର ହୋଇଥାଏ।

ଯଦି ଆପଣଙ୍କ ସନ୍ତାନର ସ୍ୱାସ୍ଥ୍ୟ ଜନିତ ସମସ୍ୟା ଲାଗି ରହୁଥାଏ, ତେବେ ତା'କୁ ଚାନ୍ଦିର ନିର୍ମିତ ଚନ୍ଦ୍ର ସହ ମୋତି ପିନ୍ଧାନ୍ତୁୟ।ଏହି ସମସ୍ୟା ଦୂର ହେବ।

# ରୂପା ବାସନରେ ଖାଦ୍ୟ ଖାଇଲେ ବୃଦ୍ଧି ହୋଇଥାଏ ରୋଗ ପ୍ରତିରୋଧକ ଶକ୍ତି

ରୂପାର ବାସନ ସର୍ବଦା ଜୀବାଣୁ ମୁକ୍ତ ଓ ଏଥିରେ ଖାଦ୍ୟ ଖାଇବା ଦ୍ୱାରା ଶରୀର ପାଇଁ ଖୁବ ଲାଭଦାୟକ। ରୂପାର ଗୁଣ ଶୀତଳତା ପ୍ରଦାନ କରିବ। ଏଥିରେ



ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ ଶୀତଳତା ମିଳିଥାଏ। ପୁରୁଣା କାଳରେ ଲୋକେ ଖାଦ୍ୟପେୟ ପାଇଁ ଏହି ବାସନର ଅଧିକ ବ୍ୟବହାର କରୁଥିଲେ। ଜାଣନ୍ତୁ ଏହା ବିଷୟରେ ..

■ ଏହି ବାସନରେ ଖାଦ୍ୟ ଖାଇବା ଦ୍ୱାରା ଉଭୟ ଶାରୀରିକ ଓ ମାନସିକ ବିକାଶ ହୋଇଥାଏ।

■ ରୂପାର ବାସନରେ ଖାଦ୍ୟ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ କ୍ଷମତା ବଢିଥାଏ।

■ ରୂପାର ଗ୍ଲାସରେ ପାଣି ପିଇବା ଦ୍ୱାରା ପିଲାଙ୍କ ଥଣ୍ଡା ଜନିତ ଓ ପିତ୍ତ ସମସ୍ୟା ମଧ୍ୟ ଦୂର ହୋଇଥାଏ।

■ ରୂପାର ପାତ୍ରରେ ଯେକୌଣସି ପାନୀୟ ପିଇବା ଖୁବ ହିତକାରକ। ଏପରି କରିବା ଦ୍ୱାରା ପାନୀୟ ଦ୍ରବ୍ୟର - କୌଣସି କୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିନଥାଏ।

■ ଏହା ଏକ ପ୍ରକାର ଛଣା ଯନ୍ତ୍ର ଭଳି କାର୍ଯ୍ୟ କରିଥାଏ।

■ ରୂପାର ବାସନରେ ଖାଦ୍ୟ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ।

■ ସ୍ମରଣ ଶକ୍ତି ବୃଦ୍ଧି ହୋଇଥାଏ।

# ଶିଶୁ ଶ୍ରମିକ ଚିହ୍ନଟ ପାଇଁ ସର୍ଭେ ହୋଇପାରି ନାହିଁ



**ଭୁବନେଶ୍ୱର,୧୦।୯ (ମହାଭାରତ):** ରାଜ୍ୟରୁ ଶିଶୁ ଶ୍ରମିକ ବିଲୋପ ପାଇଁ ବିଜେଡି ସରକାର ପ୍ରସ୍ତୁତ କରିଥିବା ଆକ୍ସନ ପ୍ଲାନ ଏବେ କେବଳ କାଗଜକଲମରେ ରହିଯାଇଛି । ଦୀର୍ଘ ୨୪ବର୍ଷ ଧରି ଶାସନରେ ରହି ମଧ୍ୟ ବିଜେଡି ସରକାର ରାଜ୍ୟରେ ଶିଶୁ ଶ୍ରମିକ ଚିହ୍ନଟ ପାଇଁ ସର୍ଭେ କରିପାରି ନାହାଁନ୍ତି ବୋଲି ଆଜି ବିଧାନସଭାରେ ଶ୍ରମମନ୍ତ୍ରୀ ଗଣେଶରାମ ସିଂ କହିଛନ୍ତି ।

ଆଜି ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ରାଜ୍ୟରେ ବେଧଡ଼କ ଭାବେ ସବୁଠି ଶିଶୁମାନେ ବେଆଇନ ଢଙ୍ଗରେ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ କୋହଳ ନୀତି ଯୋଗୁ ପ୍ରଶାସନ ସବୁ ଜାଣି ମଧ୍ୟ ଅଜଣା ହୋଇ ରହିଥିଲା ।

ରାଜଧାନୀ ଭୁବନେଶ୍ୱରଠୁ ଆରମ୍ଭ କରି ରାଜ୍ୟର ଗଳିକନ୍ଦିରେ ଶିଶୁମାନେ ବିଭିନ୍ନ କାର୍ଯ୍ୟରେ ବେଆଇନ ଶ୍ରମିକ ଭାବେ ନିୟୋଜିତ ହୋଇଥିବା ଦେଖିବାକୁ ମିଳୁଛି । ରାଜ୍ୟ ସରକାର ଶେଷଥର ପାଇଁ ୧୯୯୭ ମସିହାରେ ଶିଶୁ ଶ୍ରମିକ ଚିହ୍ନଟ ନିମନ୍ତେ ସର୍ଭେ କରିଥିଲେ ବୋଲି ଶ୍ରମମନ୍ତ୍ରୀ କହିଛନ୍ତି । ତେଣୁ ଗତ ୨୪ ବର୍ଷର ବିଜେଡି ସରକାର ଏହି ସର୍ଭେ ପ୍ରତି ସଂପୂର୍ଣ୍ଣ ଆଖିବୁଜି ଦେଇଥିଲେ । ସେ କହିଥିଲେ ଯେ, ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ ପାଇଁ ବିଗତ ୧୦ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ସର୍ଭେ ହୋଇନାହିଁ । ଶେଷଥର ପାଇଁ ରାଜ୍ୟ ସରକାର ୧୯୯୭ ମସିହାରେ ଶିଶୁ ଶ୍ରମିକ ଚିହ୍ନଟ ନିମନ୍ତେ ସର୍ଭେ କରିଥିଲେ । ଶିଶୁ ଶ୍ରମିକ ପ୍ରଥା ବିଲୋପ ପାଇଁ ରାଜ୍ୟ ସରକାର ୨୦୧୫ ମସିହାରେ ଏକ ରାଜ୍ୟସ୍ତରୀୟ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିଥିଲେ, ଯାହା କାର୍ଯ୍ୟକାରୀ ହେଉଛି । ୨୦୧୬ ମସିହାରେ ଶିଶୁ ଶ୍ରମ(ନିଷେଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ର ସଂଶୋଧନ ଓ ପରେ ୨୦୧୯-୨୦ରେ ରାଜ୍ୟସ୍ତରୀୟ ଆକ୍ସନ ପ୍ଲାନରେ ସଂଶୋଧନ କରାଯାଇଥିଲା ବୋଲି ଶ୍ରୀ ଖୁଂଟିଆ । କହିଛନ୍ତି ।

ଅନ୍ୟପକ୍ଷରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବି ଚଳିଥିଲେ ମଧ୍ୟ ରାଜ୍ୟ ସରକାର କାହିଁକି ଏହା ଚିହ୍ନଟ ତଥା ବିଲୋପ ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି । ବିଜେଡି ସରକାର ୨୪ବର୍ଷ ଶାସନରେ ରହିଥିଲେ ମଧ୍ୟ ରାଜ୍ୟରୁ ଶିଶୁ ଶ୍ରମିକର ବିଲୋପ ଦିଗରେ ଆଖିଦୃଶିଆ । କାର୍ଯ୍ୟ କରିପାରିନାହାଁନ୍ତି । ପୂର୍ବର ବିଜେଡି ସରକାର କେବଳ ନିଜ ଦଳୀୟ ନେତ୍ରୀମାନଙ୍କୁ 'ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ'ରେ ଥଇଥାନ କରି ଦାୟିତ୍ୱ ଶେଷ କରିଦେଇଥିଲେ । ରାଜଧାନୀ ଭୁବନେଶ୍ୱରର ରାସ୍ତାଘାଟରେ ଶିଶୁମାନେ ଭିକ୍ଷାବୃତ୍ତି, ଜରି ଗୋଟାଳି, ବାସନମଜା ସହ ଅସୁରକ୍ଷିତ ପରିବେଶରେ ବିପଦପୂର୍ଣ୍ଣ କାର୍ଯ୍ୟ କରୁଥିଲେ ମଧ୍ୟ ସେଥିପ୍ରତି ପ୍ରଶାସନ କିମ୍ବା ସରକାରଙ୍କ ନଜର ପଡୁନଥିଲା । ସବୁଠୁ ପରିତାପର କଥା ହେଲା ଯେ, ରାଜ୍ୟ ସଚିବାଳୟକୁ ଯିବା ପାଇଁ ଉଦ୍ଦିଷ୍ଟ ମାର୍ଗରେ କୋମଳମତି ଶିଶୁମାନେ ଦୟନୀୟ ସ୍ଥିତିରେ ଦୈନିକ ଭିକ୍ଷାବୃତ୍ତି କରୁଛନ୍ତି । ମାତ୍ର ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଓ ସେଥିପାଇଁ ପରିବେଶ ପ୍ରସ୍ତୁତ କରିବା ଦିଗରେ ରାଜ୍ୟ ସରକାର ସଫଳ ହୋଇପାରିନାହାନ୍ତି ବୋଲି ଶ୍ରମମନ୍ତ୍ରୀ କହିଥିଲେ ।

# ସୁଭଦ୍ରା ଫର୍ମ ଓ ପଞ୍ଜୀକରଣ ପାଇଁ ଅର୍ଥ ଦାବି କଲେ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୧୦।୯ (ମହାଭାରତ):** ଫର୍ମ ଓ ପଞ୍ଜୀକରଣ ପାଇଁ ଅର୍ଥ ଦାବି କଲେ ହେବ ଦୃ କାର୍ଯ୍ୟାନୁଷ୍ଠାନ । ସୁଭଦ୍ରା ଫର୍ମର ସମସ୍ତ ପ୍ରକ୍ରିୟା ସ୍କାନିଂ ଓ ଅପଲୋଡ୍ ପାଇଁ ସମସ୍ତ ଉଦ୍ଦିଷ୍ଟ କେନ୍ଦ୍ରକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଏସ୍‌ଟି ସହ ପ୍ରତି ଫର୍ମ ପିଛା ୧୫ଟଙ୍କା ପ୍ରଦାନ କରାଯାଉଛି । ଏହି ଯୋଜନା ଅନ୍ତର୍ଗତ ଆବେଦନ ଫର୍ମ ବିତରଣ ଓ ଅନଲାଇନ୍ ପଞ୍ଜୀକରଣ କରିବା ପାଇଁ ଆବେଦନକାରୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ ।

କିନ୍ତୁ କିଛି ସ୍ଥାନରେ ଅଙ୍ଗନବାଡ଼ି କର୍ମୀ, ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର ଉଭୟ ଫର୍ମ ଓ ଅନଲାଇନ୍ ଅପଲୋଡ୍ କରିବା ପାଇଁ ୫୦ରୁ ୨୦୦ ଟଙ୍କା ଅର୍ଥ ଦାବି କରୁଥିବା ସୂଚନା ମିଳୁଛି । ଯେକୌଣସି ସ୍ଥାନରେ ସୁଭଦ୍ରା ଫର୍ମ ପାଇଁ ଅର୍ଥ ଦାବି କରାଯାଉଥିଲେ, ସେଥି ନିମନ୍ତେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅଭିଯୋଗ ପରେ ବାଲେଶ୍ୱର ଜିଲ୍ଲାରେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଏକ ମାସର ଦରମା ବନ୍ଦ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶରେ ଏକ ଜନସେବା କେନ୍ଦ୍ରକୁ ସାମୟିକ ବନ୍ଦ କରାଯାଇଛି । କଟକ ଜିଲ୍ଲା ଆଠଗଡ଼ରେ ଏକ ମୋ ସେବା କେନ୍ଦ୍ରରେ ଫର୍ମ ବିକ୍ରି ଓ ପୂରଣ ବାବଦରେ ୧୦୦ ଟଙ୍କା ଅର୍ଥ ଦାବି ଅଭିଯୋଗ ବିରୋଧରେ କଟକ ମହାନଗର ନିଗମ ପକ୍ଷରୁ ଏତଲା ଦାଖଲ ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତେଣୁ ସୁଭଦ୍ରା ପାଇଁ ଯେକୌଣସି କେନ୍ଦ୍ରରେ କେହି କର୍ମଚାରୀ କୌଣସି କାରଣ ଦର୍ଶାଇ ଅର୍ଥ ଦାବି କରିବା ଦୃଷ୍ଟିକୁ ଆସିଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ ଉକ୍ତ କର୍ମଚାରୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ୨୬ ଲକ୍ଷ ଗଛ ବଳି ପଡ଼ିଛନ୍ତି



**ଭୁବନେଶ୍ୱର,୧୦।୯ (ମହାଭାରତ):** ୨୦୦୦ ରୁ ୨୦୨୩ ମଧ୍ୟରେ ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ ପାଇଁ ୨୬ ଲକ୍ଷରୁ ଅଧିକ ଗଛ କଟାଯାଇଛି ବୋଲି ଆଜି ବିଧାନସଭାରେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ପ୍ରକାଶ କରିଛନ୍ତି ।

ବିଜେପି ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ପ୍ରଶ୍ନର ଉତ୍ତରରେ ସେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ରାଜ୍ୟରେ ୪୮୨ ଟି ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ୨୦୦୦ ରୁ ୨୦୨୩ ମଧ୍ୟରେ ଜଙ୍ଗଲ ଜମିରୁ ମୋଟ ୨୬,୭୫,୧୯୧ ଗଛ କଟାଯାଇଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଦ୍ୟୁତ୍ ସେବା ଯୋଗାଇବା ଏବଂ ଖଣି କାର୍ଯ୍ୟ କରିବା ପାଇଁ ରାଜ୍ୟରେ ସର୍ବାଧିକ ପରିମାଣର ଗଛ କଟାଯାଇଥିବା ଜଣାପଡିଛି ।

ସରକାରୀ ତଥ୍ୟ ଅନୁଯାୟୀ ଖଣି କାର୍ଯ୍ୟ ପାଇଁ ୯,୬୪,୦୬୩ ଗଛ, ରାସ୍ତା ପାଇଁ ୫,୯୯,୬୯୦ ଗଛ, ଜଳସେଚନ ପାଇଁ ୪,୮୯,୪୨୩ ଗଛ, ରେଳ ଲାଇନ ପାଇଁ ୮୨,୦୭୬ ଗଛ, ବିଦ୍ୟୁତ୍ ଯୋଗାଣ ପାଇଁ ୧,୩୯,୪୩୯ ଗଛ, ଶିଳ୍ପ ପାଇଁ ୩,୦୦,୭୫୯ ଗଛ ଏବଂ ୯୯,୭୪୧ ଗଛ କଟାଯାଇଛି । ରାଜ୍ୟରେ ଏତେ ମାତ୍ରାରେ ଗଛ କଟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପରିବେଶ ବିଶେଷଜ୍ଞ । ବିକାଶର ବାହାନାରେ ଗଛ କାଟି ଆମେ ନିଜକୁ ନଷ୍ଟ କରୁଛୁ ବୋଲି ପରିବେଶବିତମାନେ କହିଛନ୍ତି । 'ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗଛ କାଟିବାର ପ୍ରଭାବ ଆମେ ସମସ୍ତେ ଜାଣୁ । ସୁସ୍ଥ ଜୀବନଯାପନ କରିବା ପାଇଁ ଆମ ପରିବେଶକୁ ସୁଦୃଢ଼ କରିବା ପାଇଁ ଏହା ଆମକୁ ହୃଦୟଙ୍ଗମ କରିବା ଏବଂ ଆମ ଚାରିପାଖରେ ସବୁଜ ଆବରଣ ବିସ୍ତାର କରିବା ଉଚିତ୍ ବୋଲି ସେ କହିଥିଲେ ।

# ସମୁଦ୍ର ଲୁଣି ପାଣିରୁ ମିଳିବ ପିଇବା ପାଣି

**ଭୁବନେଶ୍ୱର,୧୦।୯ (ମହାଭାରତ):** ସମୁଦ୍ରର ଲୁଣି ପାଣିରୁ ବାହାରିବ ପିଇବା ପାଣି । ଏଥିପାଇଁ ଖୁବ୍‌ଶୀଘ୍ର ଏକ କମ୍ପାନୀ ଓଡ଼ିଶାକୁ ଆସିବ । ବିଧାନସଭାରେ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ । ମନ୍ତ୍ରୀ କହିଛନ୍ତି ସୁମୁଦ୍ର ପାଣିକୁ ପାନୀୟ ଉପଯୋଗୀ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ପ୍ରଥମେ ଲୁଣି ପାଣିକୁ ପରୀକ୍ଷା କରାଯିବ । ଏହାପରେ ଏନେଇ ନିଷ୍ପତ୍ତି ନିଆଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ମନ୍ତ୍ରୀ ।

ବୈଜ୍ଞାନିକ ପଦ୍ଧତିରେ ଏହା ସମ୍ଭବ । ଏହି ପ୍ରକ୍ରିୟାକୁ କୁହାଯାଏ ଡିସାଲାଇନେସନ୍ । ଏହି ପ୍ରକ୍ରିୟାରେ ସମୁଦ୍ର ଜଳରୁ ଦ୍ରବିଭୂତ ଖଣିଜ ଲବଣକୁ ଅଲଗା କରାଯାଇ ଏହାକୁ ପିଇବା ଯୋଗ୍ୟ ଓ କୃଷି କାର୍ଯ୍ୟରେ ବ୍ୟବହାର ଯୋଗ୍ୟ କରାଯାଇପାରିବ । ତଥ୍ୟ କହୁଛି, ଏବେ ବହୁ ଦେଶ ଏହି ପଦ୍ଧତିରେ ସମୁଦ୍ରରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି । ୧୭୭ଟି ଦେଶରେ ଏଥିପାଇଁ ୧୬ ହଜାର ଛୋଟବଡ଼ ଡିସାଲାଇନେସନ୍ ପ୍ଲାଣ୍ଟ କାର୍ଯ୍ୟ କରୁଛି । ୧୯୯୭ରୁ ୨୦୦୯ ମସିହା ମଧ୍ୟରେ ଉତ୍କଟ ଜଳାଭାବ ସମୟରେ ପ୍ରଥମ ଦେଶ ଭାବେ ଅଷ୍ଟ୍ରେଲିଆ । ସମୁଦ୍ର ଜଳରୁ ବ୍ୟବହାର ଯୋଗ୍ୟ ପାଣି ଉତ୍ପାଦନ କରୁଥିଲା । ପରେ ପରେ ସାଉଦି ଆରବ, ୟୁଏଇ, କୁଏତ, କାତାର ଆଦି ମରୁ ଦେଶ ଜନତାଙ୍କ ଶୋଷ ମେଣ୍ଟାଇବାକୁ ଆପଣାଇଛନ୍ତି



ଏହି ପଦ୍ଧତି । ଭାରତର ତାମିଲନାଡୁରେ ମଧ୍ୟ ଏଭଳି ୨ଟି ପ୍ଲାଣ୍ଟ କାର୍ଯ୍ୟ କରୁଛି । ଏବେ ନଜର ପକାଇବା ସମୁଦ୍ର ଜଳର ପିଇବା ପାଣି ସଂଗ୍ରହ କରିବାର ଉପାୟ ଉପରେ । ସମୁଦ୍ର ଜଳକୁ ଗରମ କରି ସେଥିରୁ ନିର୍ଗତ ଜଳୀୟ ବାଷ୍ପକୁ ଘନୀଭୂତ କଲେ ତାହା ମଧୁର ଜଳ ଭାବେ ସଂଗୃହିତ ହୋଇପାରିବ । ଠିକ୍ ଯେପରି ପ୍ରାକୃତିକ ଜଳଚକ୍ରରେ ଘଟିଥାଏ । ତେବେ କୃତ୍ରିମ ଭାବେ ଏଭଳି କରିବା ପାଇଁ ଅତ୍ୟଧିକ ପରିମାଣର ବିଦ୍ୟୁତ ଶକ୍ତି ଆବଶ୍ୟକ ହୁଏ ଓ ବ୍ୟୟବହୁଳ । ଫଳରେ ଯେତିକି ଜଳ ସଂଗ୍ରହ ହୁଏ, ସେହି ତୁଳନାରେ ଖର୍ଚ୍ଚ ବହୁତ ଅଧିକ । ତେଣୁ ଏବେ ରିଭର୍ସ ଅସ୍ମୋସିସ୍ ଆରଓ, ସୋଲାର୍ ଡିଷ୍ଟିଲେସନ୍, ନାନୋ ଫିଲଟ୍ରେସନ, ଇଲେକ୍ଟ୍ରୋଡାଏଲିସିସ୍ ଆଦି ଆଧୁନିକ ପଦ୍ଧତି ଉପଯୋଗ ହେଉଛି ।

# ମମିତା, ନବ ଦାସ ଓ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାର ସିବିଆଇ ତଦନ୍ତ ଦାବି

**ଭୁବନେଶ୍ୱର,୧୦।୯ (ମହାଭାରତ):** ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା, ମନ୍ତ୍ରୀ ନବ ଦାସ ହତ୍ୟା, ମମିତା ମେହେର ହତ୍ୟା ଏବଂ ଗୋବିନ୍ଦ ସାହୁଙ୍କର ରହସ୍ୟଜନକ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ କରାଯିବାକୁ ଆଜି ବିଧାନସଭାରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି । ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମିଶ୍ର କହିଥିଲେ ଯେ, ଏହି ସବୁ ହତ୍ୟା ଘଟଣାରର ଉପଯୁକ୍ତ ତଦନ୍ତ ନ ହୋଇ ତତ୍‌କାଳୀନ ବିଜେଡି ସରକାର ସଂପୃକ୍ତ ଆସାମୀ ମାନଙ୍କୁ ଛାଡି ଦେବା ପାଇଁ ଚକ୍ରାନ୍ତ କରିଥିଲେ । ସେହି ସବୁ ଘଟଣା ଉପରୁ ପରଦା ହଟାଇବା ପାଇଁ ସିବିଆଇର ତଦନ୍ତ ଜରୁରୀ ବୋଲି ସେ ମତ ପ୍ରକାଶ କିରବା ସହିତ ଏହି ହତ୍ୟା ଘଟଣା ଓଡ଼ିଶାବାସୀଙ୍କ ମନରେ ଏବେ ବି ସନ୍ଦେହର କୁହେଳିକା ମଧ୍ୟରେ ହଜିଯିବାକୁ ବସିଛି । ତତ୍‌କାଳୀନ ରାଜ୍ୟ ସରକାର ଏହି ସବୁ ଘଟଣାରେ ସେତେବେଳେ ଯେଉଁ ତଦନ୍ତ କରିଥିଲେ ସେହି ତଦନ୍ତ ଉପରେ ଓଡ଼ିଶାବାସୀଙ୍କର କୌଣସି ବିଶ୍ୱାସ ନାହିଁ । ତେଣୁ ରାଜ୍ୟ ସରକାର ଅବିଳମ୍ବେ ଏହି ସବୁର ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଥିଲେ । ଶ୍ରୀ ମିଶ୍ରଙ୍କର ଏହି ମନ୍ତବ୍ୟ ପରେ ଗୃହରେ କିଛି ସମୟ ପାଇଁ ସରକାରୀ ଓ ବିରୋଧି ଦଳ ମଧ୍ୟରେ କଥା କଟାକଟି ଓ ବାକ୍ୟ ବିନିମୟ ହୋଇଥିଲା । ବିରୋଧି ସଦସ୍ୟ ପ୍ରତାପ ଦେବ କହିଥିଲେ ଯେ, ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ରହିଛି । ତେଣୁ ସରାକର ଚାହିଁଲେ ଏହା ଉପରେ ତଦନ୍ତ କରିବାକୁ କାହାର ଆପତ୍ତି ନାହିଁ ।

# ନବୀନଙ୍କୁ ଭେଟିଲେ ବିଜୁ ଜନତା ଦଳର ପୋଲାଭରମ ଟିମ୍

ପୋଲାଭରମ ପ୍ରକଳ୍ପକୁ ସବୁସ୍ତରରେ ବିରୋଧ କରାଯିବ ଏବଂ ଜୋରଦାର ବିରୋଧ କରାଯିବ । ଆଦିବାସୀ ଭାଇ ଭଉଣୀଙ୍କ ହକ ପାଇଁ ବିଜେଡିର ଲଢ଼େଇ ଜାରି ରହିବ ବୋଲି ଦୃଢ଼ କଣ୍ଠରେ ଘୋଷଣା କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ । ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କୁ ବିଜୁ ଜନତା ଦଳର ପୋଲାଭରମ ଟିମ ଆଜି ସକାଳେ ନବୀନ ନିବାସରେ ଭେଟି ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି । ଏ ଅବସରରେ ସେମାନେ ବିରୋଧି ଦଳ ନେତାଙ୍କୁ ପ୍ରକଳ୍ପ ଅଂଚଳର ବାସ୍ତବ ସ୍ଥିତି ସଂପର୍କରେ ଅବଗତ କରାଇଥିଲେ । ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରିର ମୋଟୁ ପଞ୍ଚାୟତ ସମେତ କାଲିମେଳା ଓ ପଡ଼ିଆ ବ୍ଲକର ୨୩୬ଟି ଗାଁର ଲୋକମାନେ କ୍ଷତିଗ୍ରସ୍ତ ହେବେ । ସେମାନଙ୍କର ଭିଟାମାଟି ଓ ଜୀବୀକା ଉଜୁଡ଼ି ଯିବ । ମାଲକାନଗିରି ଜିଲ୍ଲାରେ ସାଧାରଣତଃ ଅଧିକ ବର୍ଷା ହୋଇଥାଏ । ତେଣୁ ଏ ପ୍ରକଳ୍ପ, ପରିସ୍ଥିତିକୁ ଆହୁରି ଜଟିଳ କରିବ ବୋଲି ପ୍ରତିନିଧି ଦଳ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରକଳ୍ପକୁ ସବୁ ସ୍ତରରେ ପାର୍ଲିଆମେଣ୍ଟ ଠାରୁ



ଆରମ୍ଭ କରି ବିଧାନ ସଭା ତଥା ପଞ୍ଚାୟତ ସ୍ତରରେ ଦୃଢ଼ ବିରୋଧ କରିବା ପାଇଁ ବିରୋଧି ଦଳ ନେତା ପରାମର୍ଶ ଦେଇଥିଲେ । ସେ କହିଥିଲେ ଆଦିବାସୀ ଭାଇଭଉଣୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଜୁ ଜନତା ଦଳ ସବୁ ବେଳେ ପ୍ରାଥମିକତା ଦେଇଆସିଛି । ଆଦିବାସୀ ଭାଇଭଉଣୀମାନଙ୍କ ହକ ପାଇଁ ବିଜୁ ଜନତା ଦଳ ତାର ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

ଏହି_ତିନିଧି ଦଳର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ସାଂସଦ ମୁନ୍ନା ଖାଁ, ବିଧାୟକ ମନୋହର ରାନ୍ଧାରୀ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଝିନ ହିକକା, ଭୃଗୁ ବକ୍ସିପାତ୍ର, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ବିଜେଡିର ମିଡିଆ ସଂଯୋଜକ ପ୍ରିୟବ୍ରତ ମାଝୀ ପ୍ରମୁଖ ଆସି ବିରୋଧି ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ । ଆଜି ଶଙ୍ଖ ଭବନରେ ଏ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ କରି ଦଳର ବରିଷ୍ଠ ନେତା ତଥା ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ କେନ୍ଦ୍ର ସରକାର ବଜେଟରେ ପୋଲାଭରମ ପ୍ରକଳ୍ପ ପାଇଁ ପନ୍ଦର ହଜାର କୋଟି ବ୍ୟୟବରାଦ କରିବା ପରେ ପୋଲାଭରମ ପ୍ରକଳ୍ପ କାମ ଦ୍ରୁତ ଗତିରେ ଆଗେଇଛି ଓ ଏହା ଫେବୃଆରୀ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରହିଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ପ୍ରାୟ ଦୁଇ ଶହ ଗାଁ ଜଳମଗ୍ନ ହେବ । ଶ୍ରୀ ମିଶ୍ର କହିଥିଲେ, ବିଜେଡି ସଭାପତିଙ୍କ ଦ୍ୱାରା ଗଠିତ କମିଟିର ସଦସ୍ୟମାନେ ଯଥାକ୍ରମେ ମାଲକାନଗିରି ଜିଲ୍ଲାର ମୋଟୁ ଓ ପଡିଆ ଅଂଚଳ ଏବଂ ପୋଲାଭରମ ଡ୍ୟାମ ଅଂଚଳ ବୁଲି ଦେଖିବା ସହ ବିଭିନ୍ନ ଅଧିକାରୀ ଓ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ । ଶ୍ରୀ ମିଶ୍ର ଆହୁରି କହିଥିଲେ, ପୋଲାଭରମ ଡ୍ୟାମ ନିର୍ମାଣ ହେଲେ ଆନ୍ଧ୍ରର ପ୍ରାୟ ସାତ ଲକ୍ଷ ଏକର ଜମି ଜଳସେଚିତ ହେବ, ୯୬୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେବ, ବିଶାଖାପାଟଣା ଅଂଚଳକୁ ପାନୀୟ ଜଳ ଓ ଶିଳ୍ପକୁ ଜଳ ଯୋଗାଣ ହୋଇପାରିବ । କିନ୍ତୁ, ଓଡିଶାର ମାଲକାନଗିରି ଜିଲ୍ଲାର ପ୍ରାୟ ତିରିଶ ପ୍ରତିଶତ ଅଂଚଳ ଜଳମଗ୍ନ ହୋଇଯିବ, ଯେଉଁଥିରେ ହଜାର ହଜାର ଆଦିବାସୀ ବିସ୍ଥାପିତ ହେବେ ଓ ଜୀବନ ଜୀବିକା ହରାଇବେ ।

# ନିଜ ଦୋଷ ଲୁଚାଇବାକୁ ହୀନ ରାଜନୀତି କରୁଛି ବିଜେଡି

**ଭୁବନେଶ୍ୱର,୧୦।୯ (ମହାଭାରତ):** ସରକାରରୁ ଚାଲିଗଲା ପରେ ଏବେ ବିଜେଡିର ନିଦ ଭାଙ୍ଗିଛି । ଗତ ୨୪ ବର୍ଷ ଧରି ପୋଲାଭରମ ପ୍ରକଳ୍ପ ପାଇଁ କୌଣସି ପଦକ୍ଷେପ ନନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ବିଜେଡି ସରକାର ଶୋଇଥିଲା । ଏବେ ଚର୍ଚ୍ଚାରେ ରହିବା ପାଇଁ ଅଯଥାରେ ରାଜନୀତି କରୁଛି । ପ୍ରକଳ୍ପ ଅଂଚଳ ଗସ୍ତ କରି ସେଠାକାର ଲୋକଙ୍କୁ ଭୟଭୀତ କରି ସରକାରଙ୍କୁ ବିରୋଧ କରିବାକୁ ପ୍ରୟାସ ଚଳାଇଛି । ପୋଲାଭରମ ପ୍ରକଳ୍ପକୁ ନେଇ ନିଜର ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଚାହୁଁଥିବା ବିରୋଧୀଙ୍କ ଆଶା କେବେ ପୂରଣ ହେବ ନାହିଁ । ବିଜେଡି ଏବେ ନିଜର ଦୋଷ ଲୁଚାଇବା ପାଇଁ ହୀନ ରାଜନୀତି କରୁଛି ବୋଲି ନବରଙ୍ଗପୁର ବିଜେପି ସାଂସଦ ବଳଭଦ୍ର ମାଝି କହିଛନ୍ତି ।



ଶ୍ରୀ ମାଝି କହିଛନ୍ତି ଯେ, ନଦୀବନ୍ଧ ପ୍ରକଳ୍ପ କରିବା ପୂର୍ବରୁ ସର୍ବପ୍ରଥମେ ପ୍ରଭାବିତ ହେବାକୁ ଥିବା ରାଜ୍ୟଗୁଡିକର ଏନ୍‌ଓସି ନିଆଯାଏ । କୌଣସି ରାଜ୍ୟ ଯଦି ଏନ୍‌ଓସି ନଦିଅନ୍ତି, ତେବେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିବ ନାହିଁ । ୨୦୦୦ ମସିହାରେ ଏନ୍‌ଡିଏ ସରକାରରେ ବିଜୁ ଜନତାଦଳର ଜଣେ ନେତା କେନ୍ଦ୍ରରେ ଜଳସମ୍ପଦ ମନ୍ତ୍ରୀ ଥିଲେ । ଏହା ପରେ ୨୦୦୪ରେ ମାଲକାନାଗିରି ସୀମାନ୍ତ ଆନ୍ଧ୍ରପ୍ରଦେଶର ୱେଷ୍ଟ ଗୋଦାବରୀ ଜିଲ୍ଲାରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା । ସେତେବେଳେ ଏହି ପ୍ରକଳ୍ପ ପାଇଁ ଏନ୍‌ଓସି କିପରି ଓ କିଏ ଦେଲା ବୋଲି ଶ୍ରୀ ମାଝି ପ୍ରଶ୍ନ କରିଛନ୍ତି ।

ଓଡ଼ିଶାରେ ବିଜେପି ସରକାର ଗଠନ ପରେ ମାତ୍ର ୨ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ଲୋକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି । ବିଜେଡି ଏହାକୁ ସହିନପାରି ଅଯଥାରେ ରାଜନୀତି କରିବାପାଇଁ ଚେଷ୍ଟା କରୁଛି । କେନ୍ଦ୍ରରେ ଥିବା ତତ୍କାଳୀନ କଂଗ୍ରେସ ସରକାର ଓଡ଼ିଶାର ସ୍ୱାର୍ଥପ୍ରତି ଧ୍ୟାନ ନଦେଇ ଏହି ପ୍ରକଳ୍ପ ଉପରେ ମୋହର ମାରିଥିଲା । ୨୦୦୦-୨୦୨୪ ପର୍ଯ୍ୟନ୍ତ ରାଜ୍ୟରେ ଜଳସମ୍ପଦ ବିଭାଗ ନବୀନ ପଟ୍ଟନାୟକଙ୍କ ହାତରେ ଥିଲା । ମାତ୍ର ଏହି ପ୍ରକଳ୍ପରୁ ବନ୍ଦ କରିବା ପାଇଁ ସେ କୌଣସି ପଦକ୍ଷେପ ନନେଇ ଚୁପ୍ ବସିଥିଲେ ବୋଲି ଶ୍ରୀ ମାଝୀ କହିଛନ୍ତି ।

# ଆମୱେ ଭାରତର ଚାରିଟି ଗବେଷଣା ଓ ବିକାଶ ଲାବ୍‌ରେ ୪ ନିୟୁତ ଡଲାର ନିବେଶ କରୁଛି

**ଭୁବନେଶ୍ୱର,୧୦।୯ (ମହାଭାରତ):** ସ୍ୱାସ୍ଥ୍ୟ ଓ କଲ୍ୟାଣ କ୍ଷେତ୍ରରେ ସର୍ବାଧୁନିକ, ପରବର୍ତ୍ତୀ ପିଢ଼ିର ସମର୍ଥନ ଯୋଗାଇଦେବାକୁ ବୈଜ୍ଞାନିକ ସାମର୍ଥ୍ୟ ମଜଭୁତ କରିବା ଉପରେ ଦୃଷ୍ଟିନିବଦ୍ଧକୁ ଆଗେଇ ନେଇ ଏକ ବିଶ୍ୱସ୍ତରୀୟ କମ୍ପାନୀ ଆମୱେ ତାହାର ଚାରିଟି ଅତ୍ୟାଧୁନିକ ଗବେଷଣା ଓ ବିକାଶ (ଆର ଆଣ୍ଡ ଡି) ଲାବ୍ ଭାରତର ବିଭିନ୍ନ ପ୍ରାନ୍ତରେ ୪ ନିୟୁତ ଡଲାର ନିବେଶରେ ସ୍ଥାପନ ସମ୍ପର୍କରେ ଆନୁଷ୍ଠାନିକ ଭାବରେ ଉପସ୍ଥାପନ କରିଛି । ଉନ୍ନତ ପ୍ରଯୁକ୍ତି, ସମକାଳୀନ ବିଜ୍ଞାନ ଏବଂ ଚିନ୍ତାଶୀଳ ନେତୃତ୍ୱଙ୍କର ସଦୁପଯୋଗ କରି ଏହି ଲାବ୍‌ଗୁଡିକ ଭାରତ ଓ ସମଗ୍ର ବିଶ୍ୱରେ ଜନସାଧାରଣଙ୍କୁ ସମର୍ଥନ ଯୋଗାଇଦେବା ଲକ୍ଷ୍ୟରେ ନିରାପଦ, ଫଳପ୍ରସୂ, ଭିନ୍ନଧରଣର ଏବଂ ଉଚ୍ଚ ଗୁଣବତ୍ତା ସମ୍ପନ୍ନ ସ୍ୱାସ୍ଥ୍ୟ ଓ କଲ୍ୟାଣକାରୀ ଉତ୍ପାଦଗୁଡିକର ବିକାଶ ଦ୍ୱାରା ଶିଳ୍ପର ମାନ ସଂଜ୍ଞା ପୁନଃନିର୍ଦ୍ଧାରଣ କରିବାକୁ ଯାଉଛି । ବିଶ୍ୱବ୍ୟାପୀ ଭାରତ ହେଉଛି ଚାରିଟି ମଧ୍ୟରୁ ଅନ୍ୟତମ ଆମୱେ ଆର ଆଣ୍ଡ ଡି ପେଣ୍ଠସ୍ଥଳ । ଉପଭୋକ୍ତାଙ୍କର ପରିବର୍ତ୍ତନଶୀଳ ଆବଶ୍ୟକତା ପୂରଣ ଅନୁରୂପ ରଣକୌଶଳାତ୍ମକ ପଦକ୍ଷେପ ଆକାରରେ ଆମୱେର ଏହି ପ୍ରୟାସ ହୋଇଛି ଏବଂ ଏହା ସର୍ବୋଚ୍ଚ ସ୍ତରର କଲ୍ୟାଣ ହାସଲ କରିବା ନିମନ୍ତେ ନିୟୁତାଧିକ ଲୋକଙ୍କୁ ସଶକ୍ତ କରୁଛି ତଥା ସମସ୍ତଙ୍କ ପାଇଁ ଏକ ସୁସ୍ଥ ଭବିଷ୍ୟତର ପୃଷ୍ଠପୋଷକତା କରୁଛି । ଆମୱେର ଚାରିଟି ସର୍ବାଧୁନିକ ଆର ଆଣ୍ଡ ଡି ଲାବ୍ ଗୁରୁଗ୍ରାମ, ଚେନ୍ନଇ, ବେଙ୍ଗାଲୁରୁ ଏବଂ ଡିଣ୍ଡିଗୁଲରେ ଅବସ୍ଥିତ ଏବଂ ଏଗୁଡିକ ସାମଗ୍ରିକ ଭାବରେ ୨୪,୭୦୦ ବର୍ଗଫୁଟ ପରିମିତ ସ୍ଥାନରେ ରହିଛି, ଯାହା ବୈଜ୍ଞାନିକ ଆବିଷ୍କାର ଏବଂ ନବୀନତମ ଉତ୍ପାଦ ବିକାଶର ଗନ୍ତାଘର ଭାବରେ କାର୍ଯ୍ୟ କରୁଛି ।

ଆମୱେ ଇଣ୍ଡିଆର ବ୍ୟବସାୟିକ ଦୃଷ୍ଟିକୋଣରୁ ଏହି ପୁଞ୍ଜିନିବେଶ ସମ୍ପର୍କରେ ପ୍ରକାଶ କରି ଏବଂ ଭାରତ ପାଇଁ ଏହାର ଫାଇଦା ସମ୍ପର୍କରେ ଉଲ୍ଲେଖ କରି ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଛନ୍ତି, "ଭାରତରେ ପୁଷ୍ଟିସାଧନ, ଜୀବନଶୈଳୀ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟକୁ ନେଇ ଏଠାକାର ସ୍ୱାସ୍ଥ୍ୟ ଦୃଶ୍ୟପଟ୍ଟ ବିପୁଳ ଆହ୍ୱାନର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ ଭାରତରେ ପୁଷ୍ଟିସାଧନ ଏବଂ କଲ୍ୟାଣ ପ୍ରତି ଏକ ରୂପାନ୍ତରଣକାରୀ ଆଭିମୁଖ୍ୟ ପୋଷଣର ଆବଶ୍ୟକତା ରହିଛି । ଏହି ପୁଞ୍ଜିନିବେଶ ଆମୱେ ଇଣ୍ଡିଆର ଉତ୍ପାଦ ବିକାଶ ସାମର୍ଥ୍ୟକୁ ତ୍ୱରାନ୍ୱିତ କରିବା ସହିତ ଆମୱେକୁ ଭାରତ ଏବଂ ସମଗ୍ର ବିଶ୍ୱରେ ଏହାର ଗ୍ରାହକ ଓ ବ୍ୟବସାୟ ସଂସ୍ଥାଗୁଡିକର ସ୍ୱତନ୍ତ୍ର ଏବଂ ପରିବର୍ତ୍ତନଶୀଳ ଆବଶ୍ୟକତାକୁ ଅଧିକ ଭଲ ଭାବରେ ପୂରଣ କରିବା ନିମନ୍ତେ ଅବସ୍ଥାପିତ କରାଉଛି । ଭାରତ ବିଶ୍ୱସ୍ତରରେ ଆମର ଶୀର୍ଷ ଅଗ୍ରାଧିକାର ବଜାରଗୁଡିକ ମଧ୍ୟରେ ଅନ୍ୟତମ ହୋଇ ରହିଛି ଏବଂ ଏହି ପୁଞ୍ଜିନିବେଶ ସ୍ୱାସ୍ଥ୍ୟ ଓ କଲ୍ୟାଣ କ୍ଷେତ୍ରରେ ଯୁଗାନ୍ତକାରୀ ନବସୃଜନକୁ ଆଗେଇନେବା ନିମନ୍ତେ ଦେଶର ରହିଥିବା ବିଶେଷ ଜ୍ଞାନ ଏବଂ ସାମର୍ଥ୍ୟ କ୍ଷେତ୍ରରେ ଆମୱେ ଗ୍ଲୋବାଲର ପୂର୍ଣ୍ଣ ଆସ୍ଥା ସମ୍ପର୍କରେ ଉଲ୍ଲେଖ କରୁଛି ।"

"ପଚିଶ ବର୍ଷରୁ ଅଧିକ ବର୍ଷ ଧରି ଆମୱେ ଇଣ୍ଡିଆ ଜନସାଧାରଣଙ୍କୁ ଏକ ସୁସ୍ଥ ଜୀବନ ଯାପନ ନିମନ୍ତେ ସହାୟତା କରି ସେମାନଙ୍କର ବିଶ୍ୱାସଭାଜନ ହୋଇଛି । ଏକ ସୁସ୍ଥ ରାଷ୍ଟ୍ର ନିମନ୍ତେ ଆମର ପ୍ରତିବଦ୍ଧତାରେ ନିୟୁତ ନିୟୁତ ସଂଖ୍ୟକ ଭାରତୀୟଙ୍କର ଜୀବଦ୍ଦଶା ଅପେକ୍ଷା ସେମାନଙ୍କର ସୁସ୍ଥତାକୁ ଅଗ୍ରାଧିକାର ପ୍ରଦାନ ଦ୍ୱାରା ସେମାନଙ୍କ ଜୀବନରେ ରୂପାନ୍ତରଣ ଆଣିବାରେ ସହାୟକ ହେବାକୁ ଆମର ବିତରକମାନଙ୍କୁ ସଶକ୍ତ କରିବାର ଦୂରଦୃଷ୍ଟି ରହିଛି । ଆବଶ୍ୟକତା ଅନୁଯାୟୀ ସୁପାରିଶଗୁଡିକ ପୂରଣ କରିବା ନିମନ୍ତେ ଆମେ ନିରନ୍ତର ନବସୃଜନ ଜାରି ରଖିଥିବାବେଳେ ଆମେ ଲକ୍ଷ୍ୟ କରିଛୁ ଯେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ଯାତ୍ରାରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏକ ସୁଦୃଢ଼ ପାଚନ ବ୍ୟବସ୍ଥା, ଯାହା ଉନ୍ନତ ମାନସିକ ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧ ଶକ୍ତି ସହିତ ମଧ୍ୟ ଜଡିତ ।

# ମହାନଦୀ ଜଳ ବିବାଦ

ଯେତେବେଳେ ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଟ୍ରିବ୍ୟୁନାଲ ଗଠନ ପ୍ରସ୍ତାବ ରଖିଥିଲେ ସେତେବେଳେ ଅନେକ ଏହାକୁ ନାପସନ୍ଦ କରିଥିଲେ। ଛତିଶଗଡ଼ ସରକାର ଟ୍ରିବ୍ୟୁନାଲ ଗଠନ ସପକ୍ଷରେ ନଥିଲେ। ଓଡ଼ିଶାର ମଧ୍ୟ ଅନେକ ଏହାକୁ ନାପସନ୍ଦ କରିଥିଲେ। କାରଣ ହେଲା ଭାରତରେ ନ୍ୟାୟିକ ପ୍ରକ୍ରିୟା ଏକ ବିଳମ୍ବିତ ପ୍ରକ୍ରିୟା ବୋଲି ସମସ୍ତେ ଜାଣନ୍ତି। ଟ୍ରିବ୍ୟୁନାଲ ଗଠନ ହେବାକୁ ଅନେକ ଦିନ ଲାଗିଗଲା। ଟ୍ରିବ୍ୟୁନାଲ ମାମଲାର ଫଇସଲା କରିବାକୁ ଅନେକ ଦିନ ଲାଗିଯିବ। ତେଣୁ ଏହି ପ୍ରକ୍ରିୟାରେ ତତ୍କାଳ ସଫଳତା ବା ନ୍ୟାୟ ମିଳିବାର ସମ୍ଭାବନା କ୍ଷୀଣ। ଆପୋଷ ଆଲୋଚନା ଏବଂ ଦ୍ୱିପାକ୍ଷିକ ସହମତି ଭିତ୍ତିରେ ସମସ୍ୟାର ସମାଧାନ ସପକ୍ଷରେ ଅନେକ ମତ ରଖିଥିଲେ। ଯେଉଁମାନେ ଟ୍ରିବ୍ୟୁନାଲ ଗଠନକୁ ବିରୋଧ କରି ଏହା ଏକ ସମୟ ସାପେକ୍ଷ ପ୍ରକ୍ରିୟା ବୋଲି କହିଥିଲେ, ସେମାନଙ୍କ ମତ ଏବେ ସତ ବୋଲି ଜଣାପଡୁଛି। ଅତୀତରେ କାବେରୀ ଜଳ ବିବାଦର ସମାଧାନ ଲାଗି ଏଭଳି ଉପାୟ ଅବଲମ୍ବନ ହୋଇଥିଲା। କିନ୍ତୁ ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ବିବାଦର ଅୟମାରମ୍ଭ ହୋଇଥିଲା ସେତେବେଳେ ଯେତେବେଳେ ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇଲେ ଏବଂ ଓଡ଼ିଶାରେ ଜଳସଙ୍କଟ ସୃଷ୍ଟି ହେଲା। ମହାନଦୀର ଉତ୍ପତ୍ତି ଛତିଶଗଡ଼ରେ ହୋଇଛି। ସେଠାରେ ଅନେକ ଛୋଟ ଛୋଟ ଉପନଦୀ ମଧ୍ୟ ମହାନଦୀରେ ମିଶିଛି। ଛତିଶଗଡ଼ ସରକାର ଏହି ଜଳର ଉଭୟ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ଉପଯୋଗ ଲାଗି ମହାନଦୀ ଓ ଏହାର ଉପନଦୀ ଗୁଡ଼ିକରେ ୧୦ରୁ ଅଧିକ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରିଛନ୍ତି। ଏହିସବୁ ବ୍ୟାରେଜ ନିର୍ମାଣ ଦ୍ୱାରା ସେଠାରେ ପ୍ରଚୁର ଜଳ ସଞ୍ଚିତ ହୋଇ ରହୁଛି। ଏହାକୁ ସେଠାରେ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ବିନିଯୋଗ କରାଯାଉଛି। ଫଳରେ ଛତିଶଗଡ଼ର ଆର୍ଥିକ ବିକାଶ ସମ୍ଭବ ହୋଇପାରୁଛି। କିନ୍ତୁ ଓଡ଼ିଶା ଏହା ଦ୍ୱାରା ଗୁରୁତର ପ୍ରଭାବିତ ହୋଇଛି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ତଳମୁଣ୍ଡକୁ ଜଳ ପ୍ରବାହ କମିଛି। ଛତିଶଗଡ଼ ସୀମା ଭିତରେ କଲମା ବ୍ୟାରେଜରେ ଜଳ ଉଚ୍ଛୁଳୁଥିବା ବେଳେ ଓଡ଼ିଶା ସୀମା ଭିତରେ ମହାନଦୀ ଶୁଖିଲା ପଡ଼ିଛି। ଅନେକ ସ୍ଥାନରେ ମହାନଦୀ ଶଯ୍ୟା ଏବେ ମରୁଭୂମି ଭଳି ଲାଗୁଛି। ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହା ଉପରେ ରାଜ୍ୟର ଅଧା ଅଞ୍ଚଳ ନିର୍ଭର କରନ୍ତି। କୃଷି ଏବଂ ଶିଳ୍ପ ସହିତ ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭର କରି ଚଳନ୍ତି। ମହାନଦୀ ପାର୍ଶ୍ୱବର୍ତ୍ତୀ ଲୋକଙ୍କ ପାନୀୟ ଜଳର ମୁଖ୍ୟ ଉତ୍ସ ହେଲା ମହାନଦୀ। ଏବେ ମହାନଦୀ କୂଳରେ ବାସ କରୁଥିବା ଲୋକଙ୍କୁ ପାଣି ପାଇଁ ଓହଳ ବିକଳ ହେବାକୁ ପଡୁଛି। ହୀରାକୁଦ ଜଳଭଣ୍ଡାରର ଜଳସ୍ତର କମିଯିବା ଫଳରେ ଉଭୟ ବିଦ୍ୟୁତ ଉତ୍ପାଦନ ଏବଂ କୃଷି କ୍ଷେତ୍ରକୁ ଜଳସେଚନ ଗୁରୁତର ପ୍ରଭାବିତ ହୋଇଛି। ମହାନଦୀ ତ୍ରିକୋଣଭୂମି ଅଞ୍ଚଳରେ ମଧ୍ୟ ଜଳସଙ୍କଟ ଦେଖାଦେଇଛି। ମହାନଦୀ ତ୍ରିକୋଣଭୂମି ଆରମ୍ଭ ହୋଇଛି ମୁଣ୍ଡଳୀରୁ। ସେଠାରୁ ମହାଦୀର ବିଭିନ୍ନ ଶାଖା ପ୍ରଶାଖା ବାହାରି ଉପକୂଳ ଅଞ୍ଚଳରେ ଜାଲଭଳି ବିଛାଇ ହୋଇ ରହିଛି। କଟକ ଜିଲ୍ଲା ନରାଜ ଏବଂ ଯୋବ୍ରାରେ ନିର୍ମିତ ଆନିକଟରେ ଜଳାଭାବ ଦେଖା ଦେଇଛି। ଯୋବ୍ରାରୁ ପାରାଦ୍ୱୀପରେ ପ୍ରତିଷ୍ଠିତ ଆଇଓସିଏଲ ପ୍ଲାଣ୍ଟକୁ ଜଳଯୋଗାଣ ହେଉଛି। ଫଳରେ ଯୋବ୍ରାରେ ପାଣି ଅଭାବ ଦେଖିବାକୁ ମିଳୁଛି। କିଛି ବର୍ଷ ତଳେ ଯେତେବେଳେ ଆଇଓସିଏଲ ଯୋବ୍ରାରୁ ପାଣି ନେବ ବୋଲି ପ୍ରସ୍ତାବ ଆସିଥିଲା ସେତେବେଳେ ଏହାକୁ ବିରୋଧ କରାଯାଇଥିଲା ଏବଂ ଆଇଓସିଏଲ ମହାନଦୀ ମୁହାଣରେ ନିଜସ୍ୱ ଜଳଭଣ୍ଡାର ନିର୍ମାଣ କରୁ ବୋଲି ଅନେକ ମତବ୍ୟକ୍ତ କରିଥିଲେ।

# ବାର୍ଦ୍ଧକ୍ୟର ଗତିରୋଧ

॥ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ॥

> “ ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତ୍ର ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର।

ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି।

ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତ୍ରୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର।

ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ। ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ।

ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି।

ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତ୍ରୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ୍ୟ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ୍ୟ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ।

ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ୍ୟ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ୍ୟ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।


କନସଲ୍ଟାଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୨୩୪୪୩


# ଅର୍ନ୍ତବାଣୀ

॥ ଅନୀତା ପଟ୍ଟନାୟକ ॥

ମୋ ଭିତରେ ନିଶ୍ଚୟଭାବେ କିଏ ଅଛି ଯେ କି ମୋ ଭିତରେ ଦିନସାରା କିଛିନା କିଛି ଭାବନା ସୃଷ୍ଟି କରି ଗପକରି ଚାଲିଛି। ମୋ ଭିତରେ ନିଶ୍ଚୟ ଭାବରେ ଗୋଟିଏ ଗନ୍ତାଘର ଅଛି, ଯେ କି ମୋର ଚିନ୍ତାଧାରା ଗୁଡ଼ିକୁ ସଜାଡ଼ି ରଖୁଛି। ମୋ ଭିତରେ ନିଶ୍ଚୟ କିଛି ଲିଭାଇବା ଯନ୍ତ୍ର ଅଛି, ଯେ କି ଦରକାର ହେଲେ ମୋର ଖରାପ ଚିନ୍ତାକୁ ସୁନ୍ଦର ଭାବରେ ଲିଭାଇ ଦେଇ ପାରୁଛି। ମୋ ଭିତରେ ନିଶ୍ଚୟ ଭାବରେ ଜଣେ କେହି ଋଷି ପ୍ରତିମ ଜ୍ଞାନୀଗୁଣୀ ବ୍ୟକ୍ତି ଅଛନ୍ତି, ଯେ କି ମତେ ସୁନ୍ଦର ଚିନ୍ତାଧାରା ଦେଉଛନ୍ତି। ମୋ ଭିତରେ ଅଗ୍ନିର ଲେଲିହାନ ଶିଖାପରି କିଛି ଅଛି ନେଚତ ମୁଁ ଜନ୍ମରୁ ଆଜି ପର୍ଯ୍ୟନ୍ତ ଯେତେ ଖାଦ୍ୟ ଖାଇ ସାରିଛି ତାହାକୁ ସେ ହଜମ କରି ସାରିଛି ଓ ପୁଣି କ୍ଷୁଧା ସୃଷ୍ଟି କରୁଛି ଓ ଭକ୍ଷଣ କରିବ କହୁଛି। ମୋ ଭିତରେ ନିଶ୍ଚୟ ସୁମଧୁର ସ୍ୱରଥିବା କୌଣସି ଘଣ୍ଟା ଅଛି ନଚେତ କାଳ ବିଷୟରେ ମତେ କିଏ ସଚେତନ କରାଉଛି ? ମୋ ଭିତରେ କଣ ଆଗ୍ନେୟଗିରି ଅଛି ? ନଚେତ ସାଧାରଣ କଥାରେ ରାଗରେ ଜର୍ଜରିତ ହେଉଛି କିପରି ? ମୋ ଭିତରେ କିଛି ଗୋଟେ ଚଳନ୍ତତା ଯନ୍ତ୍ର ଅଛି ନଚେତ ମୋ ଦେହର ରକ୍ତ କଣିକା ଗୁଡ଼ିକ ଆପାଦମସ୍ତକ ଦୌଡ଼ି ପାରୁଛି କିପରି ? ନିଶ୍ଚୟ ମୋ ଭିତରେ ପ୍ରଭୁ ରହିଛନ୍ତି ଓ ମତେ ସୁରକ୍ଷା ଦେବା ସହ ଚଲାପଥରେ ସାହାଯ୍ୟ କରୁଛନ୍ତି।

ଏମିତି ଗୁଡ଼ିଏ ଚିନ୍ତା କରୁଥିବା ସମୟରେ ମୁଁ ଗୋଟିଏ ବଗିଚା ନିକଟରେ ପହଞ୍ଚିଲି, ଦେଖିଲି ଭଳି କି ଭଳି ଫୁଲ ଫୁଟିଛି ଭାବିଲି ନିଶ୍ଚୟ ଏ ବଗିଚାରେ କିଏ ଗୋଟିଏ ମାଳି ଅଛି, ନଚେତ ସୁନ୍ଦର ଭାବେ ଘାସ କଟାଯାଇ ମୁଲାୟମ ଚାଦର/ଗାଲିଚା କିଏ ସୃଷ୍ଟି କରିଛି ? ଫୁଟିଥିବା ନାଲି ନାଲି ଗୋଲାପ ଗଛକୁ କୁଣ୍ଡରେ ଧାଡ଼ି ଧାନି କରି କିଏ ସାଇତି ରଖିଛି ? ଗଛ ସବୁ କଟାଯାଇ ସେଥିରେ ସୁନ୍ଦର ସୁନ୍ଦର ପଶୁ ଓ ପକ୍ଷୀର ଆକୃତି କିଏ କରିଛି ? ବିଭିନ୍ନ ରଙ୍ଗର ସୂର୍ଯ୍ୟମୁଖୀ ଫୁଲ, କଇଁ ଫୁଲ, କନିଅର ଫୁଲ, ଟଗରଫୁଲ, ଚମ୍ପାଫୁଲ ଓ ରଜନୀଗନ୍ଧା ଫୁଲକୁ କିଏ ସୁରକ୍ଷା ଦେଉଛି ? ଫୁଲ ଗୁଡ଼ିକ ନୀରବ ସାଧକ ପରି ଆଗନ୍ତୁକ ମାନଙ୍କୁ ଆନନ୍ଦ ପ୍ରଦାନ କରୁଛନ୍ତି। ମତେ ଲାଗିଲା ଏ ସବୁ ଭିତରେ ମାଳି ଯେପରି ବଗିଚାକୁ ସଜାଇଛି ସେହିପରି ସୃଷ୍ଟିରେ କେହି ଜଣେ ସୃଷ୍ଟିକର୍ତ୍ତା ଅଛନ୍ତି ଯେ କି ମୋ ଭିତରେ ବାହାରେ ସର୍ବତ୍ର ଅଛନ୍ତି ଓ ମତେ ସଜାଇ ରଖିଛନ୍ତି। ସୃଷ୍ଟିକର୍ତ୍ତାଙ୍କ ବିଷୟରେ ଏପରି ଭାବୁ ଭାବୁ ମତେ ଟିକେ ହାଲିଆ ଲାଗିବାରୁ ମୁଁ ବଗିଚା କଡ଼ରେ ଥିବା ଅନାବନା ଅସଜଡ଼ା ଘାସ ଦେଖିବାକୁ ପାଇଲି ଓ ସେଠାରେ ବସି ପଡ଼ିଲି। ଭାବିଲି ଭଗବାନଙ୍କ ପାଖରେ କେତେ ପରିମାଣର ସୁନ୍ଦର ସୁନ୍ଦର ରଙ୍ଗ ଅଛି ସତେ ? ବୃକ୍ଷର ପତର ସବୁ ସବୁଜ। ଆକାଶ ନୀଳ, ନାଲି, ହଳଦୀ, ଗୋଲାପି ରଙ୍ଗର କେତେ ଗୋଲାପ ଫୁଲ। ହଳଦିଆ କନିଅର ଫୁଲ ଇତ୍ୟାଦି ଇତ୍ୟାଦି। ମୁଁ ଚିତ୍ରଟିଏ ଆଙ୍କିଦେଲେ ମୋର ରଙ୍ଗଡବାଟି ସରିଯାଉଛି ସୃଷ୍ଟିକର୍ତ୍ତା କେଉଁଠାରୁ ଏତେ ପ୍ରକାରର ଓ ଏତେ ରଙ୍ଗ ଆଣୁଛନ୍ତି ? ସେ କାରଖାନା କେଉଁଠାରେ ବିଦ୍ୟମାନ। ଭାବିଲି ଆରେ ପରିବାପତ୍ର ମଧ୍ୟ ବିଭିନ୍ନ ପ୍ରକାରର ଓ ରଙ୍ଗର। ଆଳୁ ମାଟିଆ ଗୋଲାକାର ଓ ଚେପେଟା, ବାଇଗଣ ଧଳା, କଳା। ଫୁଲକୋବି ଧଳା, ସବୁଜ ବନ୍ଧାକୋବି। ଏ ସବୁ ସୃଷ୍ଟିକର୍ତ୍ତା ସୃଷ୍ଟି କରିଛନ୍ତି ଆମକୁ ଖୁସି କରିବା ପାଇଁ ବିନା କର ଦେଇ ବାୟୁ, ଅଗ୍ନି, ଜଳ ଆକାଶ ସବୁ କିଛି ଦେଇଛନ୍ତି। ମା କହନ୍ତି ‘ଭଗବାନଙ୍କୁ ପୂଜା କରିବା, ମନ୍ଦିର ଯିବା, ଭଜନ କରିବା, ଧ୍ୟାନ କରିବା ଓ ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଏସବୁ ସୃଷ୍ଟିକର୍ତ୍ତାଙ୍କୁ କରଦେବା ସଦୃଶ।

ଏ ସମୟରେ ଦେଖିଲି ସୁନ୍ଦର ବଗିଚାର ପାଚେରୀ କଡ଼ରେ ମୁଁ ବସିଥିବା ଜାଗାର ପାଖରେ ଅନାବନା ଦୁବଘାସ ବଢ଼ିଛି ମତେ ଲାଗିଲା ସତେ ଯେପରି କହୁଛି ହେ ମାନବ ଦେଖ ମୋର କି ଅଲୋଡ଼ା ଜୀବନ। ପାଚେରୀ ଘେରା ସୁନ୍ଦର ବଗିଚାରେ ଯେଉଁ ଆଗନ୍ତୁକମାନେ ଆସୁଛନ୍ତି ଓ ବଗିଚାର ଚୌକିରେ ବସିଛନ୍ତି ଗାଲିଚା ପରା ଘାସକୁ ସୁନ୍ଦର କହି ଉପଭୋଗ କରୁଛନ୍ତି, ହେଲେ ମୋର ଜୀବନ କ୍ଷଣସ୍ଥାୟୀ, ମୋ ଉପରେ ମଣିଷ, ଜୀବଜନ୍ତୁ ସବୁ ଚଢ଼ି ଚାଲିଯାଉଛନ୍ତି। କି ତୁଚ୍ଛ ମୋର ଜୀବନ। ଏହି ସମୟରେ ମୋର ଭିତରୁ ସ୍ୱତଃ ବାହାରି ପଡ଼ିଲା ଆରେ ମୁଁ ଏତେ ସମୟ ହେବ କ’ଣ କରୁଛି ? ଆଜିପରା ରଥଯାତ୍ରା ମା କହିଥିଲେ ଆସିବାବେଳେ ଦୁବଘାସ ଆଣିବୁ। ପ୍ରଭୁ ଜଗନ୍ନାଥ ତାଙ୍କ କିରଟୀରେ ଦୁବଘାସ ଲଗାଇବାକୁ ଭାରି ଭଲ ପାଆନ୍ତି ତେଣୁ ଘରେ ଥିବା ଜଗନ୍ନାଥଙ୍କ ମୂର୍ତ୍ତିରେ ସେ ଦୁବଘାସ ପ୍ରଦାନ କରିବେ କହିଥିଲେ। ମୁଁ ସଯତ୍ନେ ଦୁବଘାସକୁ ଉପାଡ଼ିଲି ଓ ମନେ ମନେ ଭାବିଲି ଏ ପୃଥିବୀରେ କିଛି ତୁଚ୍ଛନୁହେଁ। ଭଗବାନ କିଛି ନା କିଛି ଉଦ୍ଦେଶ୍ୟ ରଖି ପ୍ରତ୍ୟେକ ବସ୍ତୁକୁ ସୃଷ୍ଟି କରିଛନ୍ତି କେହି ଛୋଟ ବା ବଡ଼ ନୁହଁନ୍ତି। ସଚରାଚର ଜଗତରେ ସେ ବିଦ୍ୟମାନ। ଏ ଦୁବ, ବଗିଚାରେ ନାହିଁ ବୋଲି ଦୁଃଖ କରିବା ଉଚିତ ନୁହେଁ କାରଣ ବଗିଚାର ଗାଲିଚା ସଦୃଶ ଘାସ ଠାରୁ ମଧ୍ୟ ମହାନ। ଭଗବାନଙ୍କର କିରଟୀରେ ରହି ସେ ତାର ଜନ୍ମର ପୂର୍ଣ୍ଣତା ଲାଭ କରିବ ହେଲେ ମତେ ଅନେକ ସମୟ ବିତାଇବାକୁ ଅଛି ଏ ଜନ୍ମର ସାର୍ଥକତା ପାଇଁ। ଶୀଘ୍ର ଯାଏ ନଚେତ ମା ଅଭିମାନ କରିବେ।


ପ୍ଲଟନଂ-୫ଡି/୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬


# ମୁଣ୍ଡ ନେଉଛି ଡ୍ରେନ୍

॥ ରଶ୍ମୀରେଖା ପରିଡ଼ା ॥

ଦୁଇଦିନ ତଳେ କଟକ ବିଡ଼ାନାସୀରେ ଏକ ଅଭାବନୀୟ ଘଟଣାକ୍ରମରେ ଜଣେ କୋମଳମତି ପିଲାର ଜୀବନ ଯାଇଛି। ସେହିପରି ଭୁବନେଶ୍ୱରରେ ଗତବର୍ଷ ଜଣେ କଲେଜରୁ ଫେରୁଥିବା ଛାତ୍ରୀ ଖୋଲା ଡ୍ରେନରେ ପଡ଼ି ଜୀବନ ହାରିଥିଲେ। କେତେବେଳେ ମଣିଷ ତ, ଆଉ କେତେବେଳେ ପଶୁ। କିଛି ଦିନ ବ୍ୟବଧାନରେ ବାରମ୍ବାର ଅଘଟଣ ଘଟୁଛି। କେତେକଙ୍କ ଜୀବନ ବଞ୍ଚିଯାଉଛି ତ ଆଉ କେତେକଙ୍କ ମୃତଦେହ ଉଦ୍ଧାର ହେଉଛି। ଗତ କିଛି ବର୍ଷ ମଧ୍ୟରେ ସହରରେ ଏହିଭଳି ୬ରୁ ଅଧିକ ଘଟଣା ସାମ୍ନାକୁ ଆସିଲାଣି। ଫଳରେ କଟକ ସହର ପାଇଁ ଏବେ ମରଣଯନ୍ତା ପାଲଟିଛି ମୁକୁଳା ଡ୍ରେନ। ଏହାସତ୍ତ୍ୱେ ସିଏମସି କର୍ତ୍ତୃପକ୍ଷ ସ୍ଲାବ ପକାଇବା ବଦଳରେ ନିରବଦ୍ରଷ୍ଟା ସାଜିଛନ୍ତି।

କଟକ ସହରର ଚାରିଆଡ଼େ ମୁକୁଳା ଡ୍ରେନ। ପ୍ରତି ବର୍ଷ ସିଏମସି ଛୋଟ ଡ୍ରେନରେ ସ୍ଲାବ ପକାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି। କିନ୍ତୁ ସଫଳ ମିଳୁନାହିଁ। ଯାହାଦ୍ୱାରା ମୁକୁଳା ଡ୍ରେନ ଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏମିତିକି କଟକ ଭଳି ଚଳଚଞ୍ଚଳ ସହରରେ ସବୁ ଛୋଟ ବଡ଼ ଡ୍ରେନ ମୁକୁଳା। କୌଣସି ସ୍ଥାନରେ କଂକ୍ରିଟ ବାଡ଼ ତ ଦୂର କଥା ଲୁହାବାଡ଼ ଖଣ୍ଡେ ଘେରା ହୋଇନି। ଯାହାଦ୍ୱାରା ନିରୀହ ଲୋକଙ୍କ ଜୀବନ ଯାଉଛି। ଗତ କିଛି ବର୍ଷ ତଳେ ଅନ୍ଦରପୁର ଅଞ୍ଚଳରେ ଜଣେ କାର ଚାଳକ କାର ସହ ଡ୍ରେନରେ ପଡ଼ି ଯାଇଥିଲେ। ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି କିଛି ମାସ ତଳେ ବକ୍ସିବଜାର ମୁଖ୍ୟ ଡ୍ରେନରୁ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର ହୋଇଥିଲା। ଏହାସହ ଲିଙ୍କରୋଡ଼ ଡ୍ରେନ, ନୂଆ ବଜାର ଡ୍ରେନ ଓ ବୃନ୍ଦାବନ ସିନେମା ହଲ ପଛ ପାର୍ଶ୍ୱ ଡ୍ରେନରୁ କ୍ରମାଗତ ଭାବେ ମୃତଦେହ ଉଦ୍ଧାର ହେଉଛି। ସବୁଠୁ ବଡ଼ କଥା ହେଉଛି, ଲୋକମାନେ ଡ୍ରେନରେ ଗଳିବା ପରେ କିଛି ଦିନ ପରେ ଭାସମାନ ଅବସ୍ଥାରେ ମୃତଦେହ ଉଦ୍ଧାର ହେଉଛି ଯାହାଦ୍ୱାରା ସେମାନଙ୍କର ପରିଚୟ ମିଳିବା ଓ ମୃତ୍ୟୁର କାରଣ ମଧ୍ୟ ଜାଣିବା ପୁଲିସ ପାଇଁ କାଠିକର ପାଠ ହେଉଛି। ଯେଉଁଠି ସାମାନ୍ୟ ଜୀବନକୁ ମୂଲ୍ୟବାନ ଭାବେ ଗ୍ରହଣ କରାଯାଇ ବିଭିନ୍ନ ବିଭାଗ ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେଠାରେ ସିଏମସିର ଏଭଳି ଅବହେଳା ପାଇଁ ଜୀବନ ଯାଉଥିଲେ ମଧ୍ୟ ଏ ଦିଗରେ ସରକାର କିମ୍ବା କୌଣସି ନେତା କିମ୍ବା ମନ୍ତ୍ରୀ ମୁହଁ ଖୋଲୁନାହାଁନ୍ତି। ସହରର ଅନେକ ସ୍ଥାନରେ ଘର ଆଗରେ ଡ୍ରେନ ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ଯାହାର ଢ଼ାଙ୍କୁଣା ଖୋଲା ପଡୁଛି। ଯାହାଦ୍ୱାରା ମଣିଷ ଓ ବୁଲା ଗୋରୁଗାଈ ମଧ୍ୟ ତା ଭିତରେ ପଡ଼ି ଅକାରଣରେ ଜୀବନ ହରାଉଛନ୍ତି। ସହରକୁ ସୁନ୍ଦର ଓ ରାସ୍ତାକୁ ପ୍ରଶସ୍ଥ କରିବା ପାଇଁ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ତାହା ବାସ୍ତବରେ ପାଣିରେ ପଡୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ସରକାର ତୁରନ୍ତ ସହର ତମାମ ମୁକୁଳା ଡ୍ରେନକୁ ବନ୍ଦ କରନ୍ତୁ। ବର୍ଷାଦିନେ ମଧ୍ୟ ଏହାର ଆହୁରି ବିପଦ ବଢ଼ିଯାଏ କାରଣ ରାସ୍ତା ଓ ଖୋଲା ଡ୍ରେନ ଦେଖାଯାଇନଥାଏ। ତେଣୁ ଏ କ୍ଷେତ୍ରରେ ପ୍ରଶାସନର ଦାୟିତ୍ୱ ସହିତ ଆମ୍ଭମାନଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ଆମ୍ଭେମାନେ ସଚେତନ ହୋଇ ସୂଚନା ଫଳକ ତୁରନ୍ତ ଲଗାଇ ପ୍ରଶାସନକୁ ଜଣାଇବା। ଏହା ସ୍ୱାଭାବିକ ଭାବେ ଜଣେ ଆଦର୍ଶ ନାଗରିକର କର୍ତ୍ତବ୍ୟ।


ମରିଚପୁର, ବାଲିକୁଦା, ଜଗତସିଂହପୁର



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପାଟଣା ସି.ଏସ.ସି ପରିଦର୍ଶନ



ପାଟଣା:(ମହାଭାରତ)ରାଜ୍ୟ ସରକାରଙ୍କ ନୂତନ ଯୋଜନା ସୁଭଦ୍ରା ଯୋଜନା ର ଶୁଭରାମ୍ଭ ହୋଇ ଥିବା ବେଳେ ରାଜ୍ୟ ବ୍ୟାପି ମହିଳା ମାନେ ସୁଭଦ୍ରା ଯୋଜନା ର ଲାଭ ଉଠାଇ ବା ପାଇଁ ଫର୍ମ ଆବେଦନ କରିଥିବା ଦେଖିବାକୁ ମିଳିଛି । ଏହି ସୁଭଦ୍ରା ଯୋଜନା ରେ ରାଜ୍ୟ ବ୍ୟାପି ମହିଳା,ଯୁବତୀ ମାନେ ଆବେଦନ କରୁ ଛନ୍ତି । ସେହି ପରି କେନ୍ଦୁଝର ଜିଲ୍ଲା ରେ ସୁଭଦ୍ରା ଯୋଜନା ର ବ୍ଲକ ର ସମସ୍ତ ସି.ଏସ.ସି କେନ୍ଦ୍ର ଗୁଡିକ ଫର୍ମ ଆବେଦନ କରଯାଇ ଥିବା ବେଳେ କେନ୍ଦୁଝର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କୁମାର କୁଲ ଭୂଷଣ ସମସ୍ତ ସି.ଏସ.ସି ଗୁଡିକୁ ପରିଦର୍ଶନ କରି ସୁଭଦ୍ରା ଯୋଜନା ରେ ସି.ଏସ.ସି କେନ୍ଦ୍ର କର୍ମଚାରୀ ମାନେ ଯାନ୍ତ୍ରିକ ତୃଟି କିମ୍ବା ଆବେଦନ ବେଳେ କୌଣସି ଅସୁବିଧା ହେଉଛି କି ।ଏଥିରେ ଲୋକ ମାନେ କିଭଳି ସୁବିଧା ସହ କୌଣସି ଅସୁବିଧା ବା ଟଙ୍କା ଦେଇ ସୁଭଦ୍ରା ଯୋଜନା ଆବେଦନ କରିଛନ୍ତି କି ଏନେଇ ସି.ଏସ.ସି କେନ୍ଦ୍ର କୁ ଆବେଦନ କରିବାକୁ ଆସି ଥିବା ଆବେଦନ କାରୀ ଙ୍କୁ ପଚାରି ବୁଝି ଥିଲେ । ପାଟଣା ବ୍ଲକ ର ୬୬ଟି ସି.ଏସ.ସି କେନ୍ଦ୍ର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ରେ ପାଟଣା ବିଡ଼ିଓ ଶିବ ପ୍ରସାଦ ମୁର୍ମୁ,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝୀ, ବଡ଼ପାଟଣା ପ□ାୟତ ଅଧିକାରୀ ସୁଧାଂଶୁ ପାଇକିରାଇ,କନିଷ୍ଠ ଯନ୍ତ୍ରୀ ଅଜୟ ଝା ସାମିଲ ଥିଲେ ।

## ଅସ୍ତରଙ୍ଗ ପୋଲିସ କବ୍ଜା ରେ ଅମାନିଆ ଡିଜେ ଭ୍ୟାନ୍

ଅସ୍ତରଙ୍ଗ,(ମହାଭାରତ): ଅସ୍ତରଙ୍ଗ ପୋଲିସ କବ୍ଜା ରେ ଅମାନିଆ ଡିଯେ ଗାଡ଼ି, ସରକାର ଶବ୍ଦ ପ୍ରଦୂଷଣ ରୋକ ଲଗାଇବା ପାଇଁ ବର୍ତ୍ତମାନ ପାର୍ବଣ ସମୟ ରେ ଡିଜେ ଗାଡ଼ି କୁ ବାରଣ କରିଛନ୍ତି,କିନ୍ତୁ ଅନେକ ସମୟ ରେ ଏବେ କିଛି ଅମାନିଆ ଡିଜେ ମାଲିକ ମାନେ ଏବେ ଲୁଚେଇ କି ଦୁମଦୁମ ସାଉଣ୍ଡ ରେ କରୁଛନ୍ତି ରୋଷଣୀ। ଏହି ଡିଜେ ପ୍ରଭାବ ରେ ଅନେକ ଲୋକ ମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଜଟିଳ ହେବା ମଧ୍ୟ ନଜିର ରହିଥିବା ବେଳେ କେହି ବି ସରକାର ଙ୍କ ଗାଇଡ଼ଲାଇନ କୁ ମାନୁନାହାନ୍ତି,ଏବେ ଗଜାନନ ଙ୍କ ପୂଜା ଭଷାଣି ଆରମ୍ଭ ହୋଇଛି ଏହାକୁ ନେଇ ଅସ୍ତରଙ୍ଗ ପୋଲିସ ର ସ୍ୱତନ୍ତ୍ର ଟିମ୍ ଏବେ ଅଞ୍ଚଳ ରେ ପାଇଁତରା ମାରୁଛି ଏହି ଅମାନିଆ ଡିଜେ ଗାଡ଼ି କୁ ଧରିବା ପାଇଁ, ସୋମବାର ଦିନ ରାତ୍ର ରେ ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଉଦୟପୁର ରୁ ଏକ ଗଣେଷ ପୂଜା ଭଷାଣି ରେ ଅପ୍ସରା ପ୍ରାଚୀ ତଟ କୁ ଯାଉଥିବା ଏକ ଡିଜେ ଗାଡ଼ି କୁ ପୋଲିସ ଅଟକ ରଖି ତାହାକୁ ଥାନା କୁ ଆଣିଥିଲା, ଯେଉଁ ଡିଜେ ଗାଡ଼ି ରେ କୌଣସି ସଠିକ




କାଗଜପତ୍ର ଯାଞ୍ଚରୁ ପାଇନଥିଲା ଅସ୍ତରଙ୍ଗ ପୋଲିସ, କେବଳ ଗାଡ଼ି ରେ ଲେଖା ଥିଲା ମା ଝାରି କୁଆଁ ଦେଇ କଳିଙ୍ଗ ଭି-୨, ଗାଡ଼ି ନମ୍ବର (ଓଆର ୦୨ ଏ ଏମ ୦୮୯୪) କିନ୍ତୁ ଯାଞ୍ଚରୁ ମିଳୁନି ଗାଡ଼ି ର କାଗଜପତ୍ର , ଏହି ବାବଦରେ ଅସ୍ତରଙ୍ଗ ପୋଲିସ ଏତଲା ବିହୀନ ୯୮/୨୪ ରେ ଏକ ମାମଲା ରୁଜୁ କରି ଗାଡ଼ି ଟିକୁ ସମ୍ପୂର୍ଣ୍ଣ ରୂପେ ସିଜ୍ କରିଛି, ଯାହାକୁ ନେଇ ଅସ୍ତରଙ୍ଗ ପୋଲିସ ଅଧିକାରୀ ରାଜେଶ ବଳିୟାର ସିଂ ଗଣମାଧ୍ୟମ କୁ ସୂଚନା ପ୍ରଦାନ କରିଛନ୍ତି ।

## ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ପକ୍ଷରୁ ନୂଆଖାଇ ଉତ୍ସବ ପାଳିତ



ବାଲିପାଟଣା (ମହାଭାରତ), ପବିତ୍ର ନୂଆଖାଇ ଅବସରରେ ଭୁବନେଶ୍ୱର ୟୁନିଟ ୯ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଆନ୍ତର୍ଜାତିୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ପକ୍ଷରୁ ନୂଆଖାଇ ପର୍ବ ।ଫାଷ୍ଟ ଇଣ୍ଡିଆନ ଆଇକନ ଆୱାର୍ଡ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଅତିଥି ଭାବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାଶ, ଓଟିଡିସିର ଜିଏମ ଲଳିତେନ୍ଦୁ ସାହୁ , କଣ୍ଠଶିଳ୍ପୀ ସୁସ୍ମିତା ଦାଶ , ଡ ବଦ୍ରୀ ପଟ୍ଟନାୟକ , ଅଂଶୁମୋଚନ ମହାନ୍ତି , ଶ୍ୱେତ କୁମାର ଦାଶ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ମାନବ ସେବା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଙ୍ଗିନୀ ମହିଳା ସଂଗଠନ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ତରଭା ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଇଁ ବୈଠକ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲା ତରଭା ଗ୍ରାମର ବଟବିହାରୀ ବିଦ୍ୟାପୀଠ, ତରଭା ହାଇସ୍କୁଲ ର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରାରମ୍ଭିକ ବୈଠକ ସ୍ଥାନୀୟ ତରଭା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଇତିଶ କୁମାର ବରାଳ ଙ୍କ ଅଧକ୍ଷତା ରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ସରୋଜ କୁମାର ଦାଶ ପ୍ରାରମ୍ଭ ରେ ଦୀପ ପ୍ରଜ୍ୱଳନ କରିବା ସହ ସଭାପତିତ୍ୱ କରି ବିଦ୍ୟାଳୟର ପ୍ରାରମ୍ଭ ଜୁଲାଇ ୧୯୭୮ ହୋଇ ହାଇସ୍କୁଲ ବୋର୍ଡ଼ ପରିକ୍ଷାରେ ପ୍ରଥମ ବ୍ୟାଚଠାରୁ ୫ ଟି ବ୍ୟାଚ ଛାତ୍ର ଲାଗାତାର ପ୍ରଥମ ଶ୍ରେଣୀରେ ଦୁଇଜଣ ଲେଖାଏଁ ସଫଳ ଭାବେ ଉତ୍ତୀର୍ଣ୍ଣ ହେବା ସହ ସମ୍ପୂର୍ଣ୍ଣ ବିବରଣୀ ଅବଗତ କରାଇଥିଲେ । ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଶ୍ରୀ ନଟ କିଶୋର ବିଶ୍ୱାଳ, ପରାମର୍ଶଦାତା ସମିତିର ସଦସ୍ୟ ଶ୍ରୀ ସାରଙ୍ଗଧର



ପରିଡ଼ା ଓ ଶ୍ରୀ ହିମାଂଶୁ ରାଉତ ପୂର୍ଣ୍ଣ ସହ ଯୋଗରେ କ୍ରମଶଃ ବିଦ୍ୟାଳୟର ଉତ୍ତତିକରଣ ବିଷୟରେ ଅବଗତ କରାଇଥିଲେ । ପୂର୍ବତନ ଛାତ୍ର ଶ୍ରୀ ଶ୍ରିନିବାସ ଖୁଣ୍ଟିଆ ଓ ଶ୍ରୀ ଦିଜ୍‌ବର ସ୍ୱାଇଁ ଆଗାମୀ ସେପ୍ଟେମ୍ବର ୨୭ ,୨୮ ଏବଂ ୨୯ ତାରିଖ ୨୦୨୫ ତିନିଦିନ ଧରିହେବାକୁ ଯୋଜନା ଥିବା ସୁବର୍ଣ୍ଣ ଜୟନ୍ତୀ ର କାର୍ଯ୍ୟ କ୍ରମର ରୂପରେଖ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ । ମାନ୍ୟବର ରାଷ୍ଟ୍ରପତି ମାନ୍ୟବର ରାଜ୍ୟପାଳ ଓଡ଼ିଶାଙ୍କୁ ସମାରୋହ ର ସମାରୋପ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେବାପାଇଁ ସର୍ବସମ୍ମତିକ୍ରମେ ଆଗ୍ରହ ରହିଲା, ଶ୍ରୀ ଶ୍ରିନିବାସ ଖୁଟିଆଙ୍କ ତତ୍ତ୍ୱାବଧାନରେ ମାନ୍ୟବର ରାଜ୍ୟପାଳ ଓଡ଼ିଶା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିମନ୍ତ୍ରଣ କରିବାପାଇଁ ମାନନୀୟ ସାଂସଦ ଶ୍ରୀ ରୁଦ୍ରନାରାୟଣ ପାଣି ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଙ୍କ ପରାମର୍ଶକ୍ରମେ ସାକ୍ଷାତ କରି ତିଥି ନିର୍ଦ୍ଧାରଣ ପାଇଁ ନିଷ୍ପତି ନିଆଗଲା । ସମସ୍ତ ପୁରାତନ ଛାତ୍ର ସଂସଦ ଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ସାମିଲ କରିବାପାଇଁ ଟୋଲି ନିର୍ମାଣ କରାଗଲା ।ଆଗାମେ ବୈଠକ ଅକ୍ଟୋବର ୨୦ ତାରିଖ ରବିବାର ଦିବା ୧୧ ଘଟିକା ଅନୁଷ୍ଠିତ ହେବା ସହିତ ସମସ୍ତ ପୁରୁଣା ଛାତ୍ର ଛାତ୍ରୀ ମାନେ ବହୁ ସଂଖ୍ୟାରେ ଯୋଗଦାନ ପାଇଁ ସ୍ଥିରୀକୃତ ହେଇଥିଲା। ତରଭା ଆଖପାଖ ଗ୍ରାମର ପୂର୍ବତନ ଛାତ୍ର ଅମୁଜ ରାଉତ, ସଞ୍ଜୟ ସ୍ୱାଇଁ, ସମୀର ସ୍ୱାଇଁ, ବିଚିତ୍ରା ମଲ୍ଲିକ, ଟୁକୁନା ବିଶ୍ୱାଳ,ପ୍ରକାଶ ବିଶ୍ୱାଳ,ଅଭୟ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ ଏବଂ ଶିବଦ□ ସ୍ୱାଇଁ ସମେତ ଅନେକ ପୂର୍ବ ଛାତ୍ର ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଓ ବାଲୁଗାଁ ଏକ ଦିବସୀୟ ଶିବିର ଅନୁଷ୍ଠିତ

ବାଣପୁର :( ମହାଭାରତ )ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଓ ବାଲୁଗାଁ ଶାଖା ଦ୍ୱାରା ବିଶ୍ୱ ଭାତୃତ୍ୱ ଦିବସ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ବାଣପୁର ଠାରେ ଏକ ଦିବସୀୟ ଶିବିର ଆନୁଷ୍ଠିତ ହୋଇଯାଇଛି ।ଏହି ଶିବିର ରେ ବାଣପୁର ଓ ବାଲୁଗାଁ କଲେଜ ର ଛାତ୍ର ଛାତ୍ରି ମାନେ ଯୋଗ ଦେଇଥିଲେ । ଏହି ଶିବିର ରେ ବ୍ୟକ୍ତିତ୍ୱ ବିକାଶ୍ ଉପରେ ଗୁରୁତ୍ୱ ଦେଇଥିଲେ ପିଲା ମାନେ ଯୋଗ ଖେଳ ଗିତ ରେ ଭାଗ ନେଇଥିଲେ। ଏହି ଶିବିର ପରିଚଳାନା କରିବା ପାଇଁ ବ୍ରହ୍ମପୁର ର ନୀଳାଖୀ ଦି ଦି ପରିଚଳାନା କରିଥିଲେ ତାଂକୁ ଶୁଭେନ୍ଦୁ ଭାଇ ପାର୍ଥ ଭାଇ ଅଜିତ ଭାଇ ଓ ସିଦ୍ଧାନ୍ତ ଭାଇ ସହଯୋଗ କରିଥିଲେ । ବାଣପୁର କେନ୍ଦ୍ର ପ୍ରମୁଖ ଅଜୟ ଭାଇ ଏହି ଶିବିର ର୍ ଆବଶ୍ୟତା ଉପରେ ଆଲୋଚନା କରିଥିଲେ। ବ୍ୟବସ୍ଥା ପ୍ରମୁଖ ସୁକାନ୍ତ ଭାଇ ଓ ସମ୍ପର୍କ ପ୍ରମୁଖ ବୈରାଗୀ ଚରଣ ବଳ ସଂଯୋଜନା କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ପାର୍ଲଡ଼ା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀବରାଜ ମଣ୍ଡଳ ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପାର୍ଲଡ଼ା ଗ୍ରାମ ପଞ୍ଚାୟତ ସମେତ ଖରଡ଼ା, ରାଣୀପେଣ୍ଠ ଓ ସିଦ୍ଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୧୭୩ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୦୩ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୬୮ ଗୋଟି ଆସିଥିଲା । ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ୟ ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଶ୍ରୀମତୀ ବି.ସାୟାମା, ଅଧକ୍ଷା,ପଞ୍ଚାୟତ ସମିତି କାଶୀନଗର , ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଦମ୍ବୁରୁଧର ମଲ୍ଲିକ,ତହସିଲଦାର ଶ୍ରୀ ଅଶୋକ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ କୁମାରୀ ରଇତ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ଦେଶ କରମ ପର୍ବ ପାଇଁ ବୈତରଣୀ ନଦୀ ରୁ ଜାଓ୍ୱା ଉଠାଇଲେ ମହିଳା



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବୈତରଣୀ ନଦୀ ରୁ କୁଡୁମୀ ସଂପ୍ରଦାୟର ମହିଳା ମାନେ ପାମ୍ପାରିକ କୁଡୁମୀ ନାଚ,ଗୀତ ସାଥିରେ ଦେଶ କରମ ପର୍ବ ପାଇଁ ପାଟଣା ପୁଣ୍ୟତୋୟା ବୈତରଣୀ ନଦୀ ରୁ ଜାଓ୍ୱା ଉଠାଇ ଲେ ହଜାର ହଜାର ମହିଳାୟ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗଦାନ କରିଛନ୍ତି। କୁଡୁମୀ ସଂପ୍ରଦାୟର ଜାଓ୍ୱା ପର୍ବ ରୁ ଅନ୍ୟତମ ପର୍ବ ଭାବେ ପାଳନ କରାଯାଉ ଥିବା ବେଳେ ଏହା କୁ ଅବିବାହିତ ମହିଳା,ଯୁବତୀ ମାନେ ପାଳନ କରିଥାନ୍ତି।ୟ ଏହି ଦେଶ କରମ ପର୍ବଉପଲକ୍ଷେ କୁଡୁମୀ ସଂପ୍ରଦାୟର ମହିଳା,ପୁରୁଷ,ଯୁବତୀ ମାନେ ଜିଲ୍ଲା ର କୋଣ ଅଣୁକୋଣ ରୁ ପାଟଣା ବୈତରଣୀ ନଦୀ ଧାନବେଣି ଘାଟ ରେ ଏକତ୍ରିତ ହୋଇ ନଦୀ ରେ ପୂଜାର୍ଚ୍ଚନା କରିବା ସହ ନଦୀରୁ ଜାଓ୍ୱା ଉଠାଇ ଏକ ଶୋଭାଯାତ୍ରା ରେ ବାହାରି ଡୁମୁରିଆ ଗାଁ ରେ ପହଞ୍ଚି ଥିଲା ।ୟ ଡୁମୁରିଆ ଗ୍ରାମବାସୀ ଙ୍କ ସହଯୋଗ ରେ ଏକ ନିର୍ଦ୍ଧାରିତ ଜାଗା ଜାଓ୍ୱା କୁ ରଖାଯାଇ ସାତଦିନ ଧରି ପାମ୍ପାରିକ କୁଡୁମୀ ରୀତିନୀତି ରେ ପୂଜାର୍ଚ୍ଚନା ସହ ନାଚ ଗୀତ ସହିତ କୁଡୁମୀ ସଂପ୍ରଦାୟର ଲୋକ ଙ୍କ ବିଶ୍ୱାସ ଦେଶ କରମ ପର୍ବ ପାଳନ କଲେ ପରିବାର ଖୁସି,ଶାନ୍ତି ରେ ରହି ଥାଏ।

## ଆସୁଛି ପାର୍ବଣ, ହସୁଛି କାଶତଣ୍ଡୀ

ଗଜପତି(ମହାଭାରତ): ଶରତର ଆଗମନରେ କାଶତଣ୍ଡୀର ସମ୍ଭାର ଦେଖିବାକୁ ମିଳେ। ସୁନେଲି ସକାଳର ପ୍ରଥମ ସୂର୍ଯ୍ୟ କିରଣରେ ଧଳା ରଙ୍ଗର ଚଦର ନେଇ ହସୁଛି ରାଣୀ କାଶତଣ୍ଡୀ। ସକାଳ ଓ ସନ୍ଧ୍ୟାର ସୂର୍ଯ୍ୟ କିରଣର ଆଲୋକରେ କାଶତଣ୍ଡୀର ଅପରୂପ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। କାଶତଣ୍ଡୀର ସମ୍ଭାର ମଳୟ ପବନରେ ପାର୍ବଣ ଋତୁର ବାସ୍ନା ବାରି ହୋଇ ଗଲାଣି। ମାଁ ଙ୍କ ଆଗମନରେ ଧୋବ ଫରଫର ଚଦର ଧରା ଶୋଭା ମଣ୍ଡନ କରିଛି କାଶତଣ୍ଡୀ। ଲୋକଙ୍କୁ ସଙ୍କେତ ଦେଉଛି ପାର୍ବଣ ଋତୁର। ଲୋକେ ଏବେ ବିଭିଓ ପୂଜା ବହୁ ଆଡମ୍ବର ସହ ପାଳନ କରୁଥିବା ବେଳେ ଧରା ପୃଷ୍ଠରେ ମାଁ ଜଗତଜନନୀ ଦୁର୍ଗାଙ୍କୁ ସ୍ୱାଗତ କରିବା ପାଇଁ ଧଳା ରଙ୍ଗ ନେଇ ଭୂପୃଷ୍ଠରେ ସଜେଇ ହୋଇଛି କାଶତଣ୍ଡୀ ଫୁଲ। ପାର୍ବଣ ଋତୁର ଆରମ୍ଭରୁ ଗଜପତି ଜିଲ୍ଲା ବିଭିଓ ନଇପଠା , ଜଳାଶୟ , ସଡ଼କ ପଥ ପାର୍ଶ୍ୱରେ ଦେଖିବାକୁ ମିଳିଛି



ଏହି ଦୃଶ୍ୟ ଏହି ଦୃଶ୍ୟ ଦେଖିବା ସକାଶେ ପଥିକ ଟି ଏ ଅଟିକି ଯାଏ କୟସତାଣ୍ଡି ର ଅପରୂପ ଦୃଶ୍ୟ ଦେଖିବା ସକାଶେୟ ସେହି ଭଳି କବି ବା ଲେଖ କ ଟି କଲମରୁ ଝରି ପଡ଼େ କବିତା ଟିଏ।

## ଦୋକାନକୁ କେନ୍ଦ୍ର କରି ଯୁବକଙ୍କୁ ଟପଡା ରେ ଆକ୍ରମଣ

ଅନୁଗୋଳ ,(ମହାଭାରତ): ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ଶୀତଳ ପ୍ଲାଜା ଭିତରେ ଦୋକାନ କେନ୍ଦ୍ର କରି ଯୁବକଙ୍କୁ ଟପଡା ରେ ଆକ୍ରମଣ, ଗୁରୁତର ଅବସ୍ଥାରେ ଯୁବକ ଙ୍କୁ ଚିକିତ୍ସାଳୟ ରେ ଭର୍ତି କରାଯାଇଛି । ସୂଚନା ଯେ, ଆଜି ଦିନ ଦ୍ୱିପ୍ରହର ସମୟରେ ଶୀତଳ ପ୍ଲାଜା ଭିତରେ ମୋବାଇଲ ଦୋକାନ ଦେବାକୁ କେନ୍ଦ୍ର କରି ମୃଷାପାପୁଲି ଅଞ୍ଚଳର ପିଣ୍ଟୁ ସାହୁ ନାମକ ଜଣେ ଯୁବକ ହେମସୁରପଡା ନାଖରା ସାହିରେ ରହୁଥିବା ଯୋଗବନ୍ଧୁ ଧଳ ଙ୍କ ପୁଅ କ୍ୟାଣ୍ଟିନ୍ ଧଳ (୨୫) ଙ୍କୁ ଏକ ଧାରୁଆ ଟପଡା ରେ ମରଣାନ୍ତକ ଆକ୍ରମଣ କରିଥିଲା। ଯାହା ଫଳରେ କ୍ୟାଣ୍ଟିନ ଗୁରୁତର ହୋଇଯାଇଥିଲେ। ନିକଟରେ କାମ କରୁଥିବା ଅନ୍ୟ ସାଥୀ ମାନେ କ୍ୟାଣ୍ଟିନ୍ ଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିଲେ। କ୍ୟାଣ୍ଟିନ୍ ଙ୍କର କାନ୍ଧରେ ରେ ଗଭୀର ଆଘାତ ଲାଗିଛି। ଘଟଣା ସ୍ଥଳରୁ ପିଣ୍ଟୁ ଫେରାର ହୋଇ ଯାଇଥିବା ଜଣା ପଡିଛି। ଏ ପଟେ କ୍ୟାଣ୍ଟିନ୍ ଙ୍କ ପରିବାର ପକ୍ଷରୁ ଥାନା ଅଭିଯୋଗ କରିଥିବା ସୂଚନା।

## ଢେଙ୍କାନାଳ ଲଜ୍ୟା, ପୀଡ଼ିତାଙ୍କ ଗ୍ରାମରେ ପହଞ୍ଚିଲେ ମହିଳା ଆୟୋଗ ଅଧକ୍ଷା

### ଘଟଣାରେ ସମ୍ପୃକ୍ତ ୫ ଅଭିଯୁକ୍ତ ଗିରଫ




ଢେ଼ଙ୍କାନାଳ(ମହାଭାରତ)ଢେଙ୍କାନାଳ ସଦରଥାନା ଭାପୁର ଫାଣ୍ଡି ଅଞ୍ଚଳରେ ଅସହାୟ ଯୁବତୀଙ୍କୁ ଗଣ ଦୁଷ୍କର୍ମ ଘଟଣାରେ ପିଡିତାଙ୍କ ଗାଁ,ସକ୍ଷୀ କେନ୍ଦ୍ର ଓ ଜିଲ୍ଲା କାରାଗାରରେ ପହଞ୍ଚି ରାଜ୍ୟ ମହିଳା କମିଶନ ଅଧକ୍ଷା ଡ଼ଃ ମିନତୀ ବେହେରା ଘଟଣାର ତଦନ୍ତ କରିବା ସହ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯାଳୟରେ ପହଞ୍ଚି ସଠିକ ଦିଗରେ ତଦନ୍ତ କରିବା ଏବଂ ୧୫ ଦିନ ମଧ୍ୟରେ ଚାର୍ଜସିଟ ଦାଖଲ କରିବା ପାଇଁ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଘଟଣାକୁ ଦୃଢ ଭାବରେ ନିନ୍ଦା କରିବା ସହିତ ପୋଲିସ ସଠିକ ସମୟରେ ଉଚିତ ପଦକ୍ଷେପ ନେଇ କାମ କରିଥିବାରୁ ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କୁ ଗିରଫ କରାଯାଇଥିବା କହିଛନ୍ତି। ଘଟଣା ଫାଷ୍ଟ ଟ୍ରାକ କୋର୍ଟରେ କିଭଳି ଶିଘ୍ର ପଡିବା ସହ ଦୋଷୀମାନେ ଉଚିତ ଦଣ୍ଡ ପାଇବେ ତା ସହିତ ପିଡିତାଙ୍କୁ କ୍ଷତିପୂରଣ ଦିଆଯାଇ ସମାଜରେ ସମ୍ମାନର ସହିତ ବଞ୍ଚିବ ଏସବୁ ବାବଦରେ ଏସପିଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଗତ ୮ ତାରିଖ ଦିନ ଲୋକଲୋଚନକୁ ଆସିଥିଲା ଏହି ଲଜ୍ୟା ଜନକ ଘଟଣା ଲୋକଙ୍କ ମନରୁ କଲିକତା ଡାକ୍ତରୀ ଛାତ୍ରୀଙ୍କ କଥା ନ ହଟୁଣୁ ଢ଼େଙ୍କାନାଳ ମହୁଲପୁଞ୍ଜି ଯୁବତୀ ଗଣ ଦୁଷ୍କର୍ମ ଘଟଣା ଆସିଲାଣି ପଦାକୁ ଯାହାକୁ ସାଧାରଣରେ ନିନ୍ଦା କରିବା ସହିତ ଦୋଷୀଙ୍କୁ ଉଚିତ ଦଣ୍ଡ ବିଧାନର ଦାବି କରାଯାଇଛି ।ଗତକାଲି ଘଟଣାରେ ସମ୍ପୃକ୍ତ ସେହି ଗ୍ରାମର ୪ ଅଭିଯୁକ୍ତ ବାବୁଲି ନାୟକ, ବିରଞ୍ଚି ମହାରଣା, ଅବିନାଶ ପରିଡା, ଜୀବନ ପରିଡାଙ୍କୁ ଡାକ୍ତରୀ ମାଇନା କରିବା ସହିତ ସେମାନଙ୍କର ଟେଷ୍ଟ ପାଇଁ ନମୁନା ସଂଗ୍ରହ କରାଯାଇ ଦଫା ୪୫୦, ୩୭୬-୨(ଭ), ୩୭୬(ୟ) ରେ କୋର୍ଟ ଚାଲାଣ କରାଯାଇଛି ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠା ଯାଇଛି। ପୀଡ଼ିତା ଙ୍କ ବୟାନ ଅନୁଯାଇ ୭ ଜଣ ଅଭିଯୁକ୍ତ ଙ୍କ ଭିତରୁ ୪ ଗିରଫ ହୋଇଥିବା ବେଳେ ଜଣେ କିଛି ମାସ ତଳେ ମୃତ୍ୟୁ ବରଣ କରିଛନ୍ତି ଏବଂ ଅନ୍ୟ ଜଣେ ଅଭିଯୁକ୍ତକୁ ଆଜି ଗିରଫ କରାଯାଇଛି ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ମିଳିଛି ଏହି ଘଟଣାକୁ ନେଇ ଗତକାଲି ଅଲ ଇଣ୍ଡିଆ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଘଟଣା ସ୍ଥଳ ପରିଦର୍ଶନ କରିଥିବା ବେଳେ ଆମ ଆଦମୀ ପାର୍ଟି ଜିଲ୍ଲା ସଭାପତି ପଙ୍କଜ ନାୟକଙ୍କ ନେତୃତ୍ୱରେ ମଧ୍ୟ ଏକ ପ୍ରତିନିଧି ଦଳ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି ଉଭୟ ଦଳ ପକ୍ଷରୁ ଆଜି ଜିଲ୍ଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ଯେଉଁଥିରେ ପୀଡ଼ିତାଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ସହିତ ପରିବାରକୁ ଆବାସ ଘର ପ୍ରଦାନ ଓ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ବର୍ତ୍ତମାନ ସୁଦ୍ଧା ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେପି ଓ ବିଜେଡ଼ି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ଯାହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଅତିରିକ୍ତ ଏସପି ସୂର୍ଯ୍ୟ ମଣି ପ୍ରଧାନ କହିଛନ୍ତିକି ଏସପିଙ୍କ ନିର୍ଦ୍ଦେଶ କ୍ରମେ ଘଟଣାକୁ ଗୁରୁତର ସହ ନିଆଯାଇ ତଦନ୍ତ ସହ ଦୃଢ ପଦକ୍ଷେପ ନିଆଯାଉଛି। ଘଟଣାରେ ଏଯାବତ ପାଞ୍□ ଜଣଙ୍କୁ ପୋଲିସ ଗିରଫ କରିଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତ ମାନଙ୍କୁ ଧରାଯିବ ଏବଂ ଏଥିରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି ସମସ୍ତଙ୍କୁ ଗିରଫ କରାଯିବ । ଏଠି ଗୋଟିଏ ଜଙ୍ଗଲରାଜ ଚାଲିଛି। କାରଣ ଯେଉଁ ଜାଗାରେ ଏଭଳି ଘଟଣା ଘଟିଲା ତାର ସାମ୍ନାରେ ସ୍କୁଲ ଅଛି, ମାତ୍ର ଦୁଇ କିଲୋମିଟର ଭିତରେ ଫାଣ୍ଡି ଅଛି ତଥାପି ଏଭଳି ଘଟଣା ଘଟିବା ନିନ୍ଦନୀୟ ଓ ଘୃଣାର କଥା ବୋଲି ସସ୍ମିତା ବେହେରା,( ଅଲ ଇଣ୍ଡିଆ ମହିଳା କଂଗ୍ରେସ ସମ୍ପାଦିକା ) କହିଛନ୍ତି। ଏହି ଘଟଣା ଢେଙ୍କାନାଳ ଜିଲ୍ଲା ପାଇଁ ଏକ ଲଜ୍ୟା ଜନକ ଘଟଣା ଯେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦିଆଯାଉ ଯେପରି ଅନ୍ୟ କେହି ଏଭଳି କରିବାକୁ ଚିନ୍ତା ମଧ୍ୟ କରିବେ ନାହିଁ ଏହା ବାଦ ପୀଡିତା ପରିବାରକୁ କ୍ଷତିପୂରଣ ଓ ଥଇଥାନ କରାଯାଉ ବୋଲି ପଙ୍କଜ ନାୟକ ( ଜିଲ୍ଲା ସଭାପତି ଆପ ) କହିଛନ୍ତି। ପୀଡିତା ଓ ତାର ପରିବାର ସମାଜରେ କିଭଳି ସମ୍ମାନ ସହିତ ଚଳିବ ଓ ତାର ଥଇଥାନ ସହିତ ତାକୁ କ୍ଷତିପୂରଣ ମିଳିବ ସେ ବିଷୟରେ ନିଶ୍ଚିନ୍ତ ପଦକ୍ଷେପ ନିଆଯିବ ଫାଷ୍ଟ ଟ୍ରାକ କୋର୍ଟରେ ଏହାର କିପରି ତୁରନ୍ତ ଫଇସଲା ହେବ ସେ ବିଷୟରେ ମଧ୍ୟ ଆଲୋଚନା କରାଯାଇଛି ବୋଲି ଡ଼ଃ ମିନତୀ ବେହେରା,( ଅଧକ୍ଷା ରାଜ୍ୟ ମହିଳା ଆୟୋଗ )କହିଛନ୍ତି। ଘଟଣା ପଦାକୁ ଆସିବା ପରେ ଏସପିଙ୍କ ନିର୍ଦ୍ଦେଶରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୫ଜଣଙ୍କୁ ଗିରଫ କରିଛି ଏବଂ ଅନ୍ୟ ଯେକେହିବି ଏଥିରେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ସୂର୍ଯ୍ୟମଣୀ ପ୍ରଧାନ ( ଅତିରିକ୍ତ ଏସପି ) କହିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଷଷ୍ଠୀ ଓଷା,ମା'ଭଗବତୀଙ୍କପୀଠରେ



ବାଣପୁର:( ମହାଭାରତ )ପାର୍ବଣ ପ୍ରସ୍ତୁତି ପାଇଁ ଷଷ୍ଠୀ ବ୍ରତ ଧାରଣ କଲେ ସେବାୟତ, ବାଣପୁର-ଉପକୂଳ ଓଡ଼ିଶାର ମହାନ ପର୍ବ ଷଷ୍ଠୀ ଓଷା, ଭାଦ୍ରବ ଶୁକ୍ଳ ଷଷ୍ଠୀ ଦିନ ପୁରପଲ୍ଲୀର ପ୍ରତି ଘରେ ଭାଗ୍ୟର ଦେବୀ ଷଷ୍ଠୀଦେବୀଙ୍କୁ ଛଅତିଅଣ ଛ, ଭଜା, ସହିତ ନାନାଦି ପ୍ରକାର ପିଠାପଣା, କ୍ଷିରୀ ଖେଚଡ଼ି କରି ପୂଜାକରାଯାଏ। ଏହି ଦିନ ଗୃହମାନଙ୍କରେ ମା'ଙ୍କୁ ପୂଜା ଆରଧନା କଲେ ଘରର ସମସ୍ତଙ୍କୁ ମା' ସମସ୍ତ ବିପଦ ଆପଦ , ରୋଗ ବୈରାଗରୁ ରକ୍ଷା କରିବା ସହିତ ଅଶେଷ ଆୟୁଷ ଓ ଉତ୍ତମଭାଗ୍ୟ ପ୍ରଦାନ କରିଥାନ୍ତି ବୋଲି ବିଶ୍ୱାସ ଅଛି ।ଏଣୁ ପ୍ରତିଟି ଓଡ଼ିଆ ଘରମାନଙ୍କରେ ସ୍ୱତନ୍ତ୍ର ଷଠିଘର ସ୍ଥାପନ କରି ଜନ୍ମ ସମୟରୁ ଏହିଦିନ ମା'ଙ୍କୁ ମହା ଆଡ଼ମ୍ବର ସହକାରେ ପୂଜା ଆରାଧନା କରାଯାଏ । ଖୋର୍ଦ୍ଧା ଜିଲ୍ଲାର ପ୍ରାଚୀନ ଶକ୍ତିପୀଠ ମା'ଭଗବତୀଙ୍କ ମନ୍ଦିରରେ ମଧ ଏହି ପର୍ବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ମା'ଙ୍କୁ ସ୍ୱୟଂ ଷଷ୍ଠି ଦେବୀ ଭାବରେ ମଧ ବିଶ୍ୱାସ କରାଯାଇ ଏହି ପର୍ବ ପାଳନ କରାଯିବାର ପରମ୍ପରା କାହିଁ କେଉଁ କାଳରୁ ଚଳି ଆସିଛି । ଏହି ଦିନ ପ୍ରତ୍ୟୁଷରୁ ମା'ଙ୍କ କେବଳ ଅଙ୍ଗରାଗ ମାଜଣା ପରେ ବେଶ ହୋଇ ସକାଳର କୌଣସି ନୀତିକାନ୍ତି ହୋଇ ନ ଥିଲା । ମଧାହ୍ନରେ ମା'ଭଗବତୀଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ରୀ ନାନାଦି ରଙ୍ଗବେରଙ୍ଗର ପାଟ ପତନି ସହିତ ବେଲପତ୍ର ମନ୍ଦାରମାଳ ପରିଧାନ କରି ନିଯୋଗୀ ସେବାୟତଙ୍କ ସହିତ ଘଣ୍ଟ ଛତା କାହାଳୀ , ବାଦ୍ୟରେ ପିତ୍ରାଳୟଶ୍ରୀ ଶ୍ରୀଦକ୍ଷେଶ୍ୱର ମନ୍ଦିରରୁ ବାହାରି ବଡ଼ ଦାଣ୍ଡରେ ଯାତ୍ରା କରି ନିଜ ମନ୍ଦିରକୁ ବିଜେ କରିଥିଲେ। ଯାତ୍ରା ସମୟରେ ମା'ଙ୍କର ବିଜେ କାହାଳୀ ଶବ୍ଦ ଶୁଣି ପ୍ରତିଟି ଘରମାନଙ୍କରେ ଗୃହିଣୀମାନେ ଶଙ୍ଖ ହୁଳହୁଳି ପକାଇ ଷଷ୍ଠୀଦେବୀଙ୍କୁ ପୂଜା ଆରାଧାନା ସହିତ ନାନାଦି ନୈବେଦ୍ୟ ଅର୍ପଣ ପୂର୍ବକ ପରିବାର ସହିତ ସଂସାରରମଙ୍ଗଳ କାମନା କରିଥିଲେ।ମା'କାଠି ଠାକୁରାଣୀ ମନ୍ଦିରରେ ବିଜେ କରିବାପରେ ପୂଜକ ସାଆନ୍ତ , ପାଳିଆ ମାଳି ମା'ଙ୍କ ସମ୍ମୁଖରେ କୁମ୍ଭ , ସପ୍ତମୁଖୀ ଦୀପ ସ୍ଥାପନ ସହିତ ଛଅଟି ସରାରେ ନୈବେଦ୍ୟ (ବଲ୍ଲଭ,ନଡ଼ିଆ ପାତି ଆଦି) ଅର୍ପଣ କରି ମା'ଙ୍କୁ ଷଷ୍ଠୀ ଦେବୀ ଭାବରେ ଆବାହନ କରି .ଷଠି ସୂତା ଲାଗି କରିବା ସହିତ ଷୋଡ଼ଷ ଉପଚାରରେ ପୂଜା ଓ ଆଳତି ବନ୍ଦାପନା କରି ସଂସାରରମଙ୍ଗଳ କାମନା କରିଥିଲେ ।ମା'ଙ୍କୁ ଷଷ୍ଠୀ ଦେବୀ ଭାବରେ ଦର୍ଶନକରି ଆଶୀର୍ବାଦ ଲାଭ ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ।ପରେ ମା'ଙ୍କ ପାଖରେଶଙ୍କୁଡ଼ି ଧୂପରେ, କ୍ଷିରି ଖେଚଡ଼ି ,ମାଛ ମହୁର, ଆମ୍ବିଳ, ଶାଗମୁଗ,ଭଜା,ଏଣ୍ଡୁରି ଲାଗି ହୋଇ ଧୂପ ଆଳତି ବଢିଥିଲା । ମା'ଙ୍କ ପ୍ରତିଟି ସେବାୟତ ପରିବାରର ସମସ୍ତେ ଷଠିସୂତା ଧାରଣ କରି ତାଙ୍କରି ଆଶୀର୍ବାଦ କାମନା ସହିତ ପ୍ରସାଦ ସେବନ କରିଥିଲେ। ଆଜିଠାରୁ ମା'ଭଗବତୀଙ୍କ ପାର୍ବଣ ପ୍ରସ୍ତୁତି ଆରମ୍ଭ ' ଲଳିତା ସପ୍ତମୀରେ ମା'ଙ୍କ ପାଣି ତୋଳା ଯାତ୍ରା ସହିତ ଚିଲିକାରେ ନୌବିହାର କରି ଭଉଣୀ ମା'କାଳିଜାଇ ଙ୍କୁ ପାର୍ବଣ ପାଇଁ ନିମନ୍ତ୍ରଣ କରି ଆଜ୍ଞାମାଳ ନେଇ ଫେରିବା ପରେ ଦୁର୍ଗାଷ୍ଟମୀରୁ ଦେବୀଶୟନ କରିବେ ।ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀଠାରୁ ମା'ଭଗବତୀଙ୍କ ଷୋଳ ପର୍ବ ଆରମ୍ଭ ହେବା ମା'ଙ୍କ ଶୃଙ୍ଖଳିତ ଷଷ୍ଠୀ ଓଷା ପୂଜାନୀତି ପାଇଁ ମନ୍ଦିର କାର୍ଯ୍ୟାଳୟ ତରଫରୁ ସମସ୍ତ ପ୍ରକାର ବିଧିବ୍ୟବସ୍ଥା ଯୋଗାଇଦିଆଯାଇଥିବାକଥା କାର୍ଯ୍ୟନିର୍ବାହୀଙ୍କଠାରୁ ପ୍ରକାଶ ।

## ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ର ଡଃ ସତିଶ ଙ୍କୁ ଜାତୀୟ ପୁରସ୍କାର

ବ୍ରହ୍ମପୁର (ମହାଭାରତ)ନୂଆ ଖାଇ ପର୍ବ ଉପଲକ୍ଷେ ଗଂଜାମ ଜିଲ୍ଲାର ବ୍ରହ୍ମପୁର ର ଜଣାଶୁଣା ସାମ୍ବାଦିକ ଡଃ ସତିଶ କୁମାର ଦାସ ଙ୍କୁ ସାମ୍ବାଦିକତା ନିକ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସମ୍ମାନୀତ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଏବଂ ଗ୍ରାମୀଣ ଓ ଆଦିବାସୀ ଅଧୁଷିତ ଅଞ୍ଚଳ ଖବର ସରକାର ଙ୍କ ନିକଟର ପହଞ୍ଚାଇବା ନିମନ୍ତେ ଶ୍ରୀ ଦାସ ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ର ପୂର୍ବତନ ରାଜ୍ୟପାଳ ଶ୍ରୀ ବିଶ୍ୱ ଭୂଷଣ ହରିଚନ୍ଦନ ଯୋଗଦାନ କରି ସମ୍ମାନିତ କରିଥିଲେ।ୱାଲ୍ଡ ହୋମ ଇଣ୍ଟରନେସନାଲ୍ ଏବଂ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ,



ନୂଆଦିଲ୍ଲୀ ର ମିଳିତ ଆନୁକୁଲ୍ୟ ରେ ନୂଆଁ ଖାଇ ପର୍ବ ଉପଲକ୍ଷେ ଭୁବନେଶ୍ୱର ଠାରେ ଆୟୋଜିତ ଦିନିକିଆ ଜାତୀୟ ସମ୍ବର୍ଦ୍ଧିତ ସଭାରେ ଶ୍ରୀ ଦାସ ଙ୍କୁ ସମ୍ମାନୀତ କରାଯାଇଛ। ଡଃ ସତିଶ କୁମାର ଦାଶ ପ୍ରଥମେ ରିପୋର୍ଟ ର ଭାବେ ଏନ୍ଆଇ, ପରେ ଭରତ ୨୪ ଏବଂ ବର୍ତ୍ତମାନ ସେ ଟାଇମ୍ସ ନାଓ ନବଭାରତ ରେ କାମ କରୁଛନ୍ତି । ୱାଲ୍ଡ ହୋମ ଇଣ୍ଟରନେସନାଲ୍, ଦିଲ୍ଲୀ ର ସାଧାରଣ ସମ୍ପାଦିକା ଶ୍ରୀମତୀ ରମେଶ୍ୱରି ନନ୍ଦ ଶ୍ରୀ ଦାସ ଙ୍କୁ ସମ୍ବର୍ଦ୍ଧିତ ହେବା ପାଇଁ ନିମନ୍ତ୍ରିତ କରିଥିବାରୁ ଶ୍ରୀ ଦାସ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି। ସୂଚନା ଥାଉକି,ସାମ୍ବାଦିକ ସତୀଶ କୁମାର ମଧ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ ପୁରସ୍କାର ଯେପରିକି ଆନ୍ତର୍ଜାତୀୟ କଳ୍କୀ ଗୌରବ ପୁରସ୍କାର,ଜ୍ୟୋତି ଷ୍ଟାର ପ୍ରତିଭା ସମ୍ମାନ ୨୦୨୩ ପୁରସ୍କାର,ସ୍ୱାମୀ ବିବେକାନନ୍ଦ ସେବା ରତ୍ନ ପୁରସ୍କାର,ଇଣ୍ଡୋ-ସ୍ୱେନିଶ୍ ଆନ୍ତର୍ଜାତୀୟ ପୁରସ୍କାର ୨୦୨୪,ଭାରତୀୟ ବ୍ୟକ୍ତିଗତ ଉତ୍କର୍ଷ ପୁରସ୍କାର ୨୦୨୪ପାଇଛନ୍ତି। ସତୀଶ କୁମାର ଦେଶର ବହୁ ଖ୍ୟାତିସମ୍ପନ୍ନ ନ୍ୟୁଜ୍ ଚ୍ୟାନେଲ ଏବଂ ଖବରକାଗଜ ସହିତ ଜଡିତ ଅଛନ୍ତି। ସେ ଅନେକ ସମ୍ମାନ ଏବଂ ପୁରସ୍କାର ପାଇଛନ୍ତି ।

## ରାଇଘର ରେଙ୍ଗାଭାଟିରେ ଗୁରୁଣ୍ଡି ପର୍ବ ପାଳିତ

ରାଇଘର(ମହାଭାରତ): ରାଇଘର ବ୍ଲକ କୁସୁମପୁର ସାତ ପାଳି ଗାଁରେ ପାଳିତ ହୋଇ ଯାଇଛି ନୂଆଖିଆର ତାଆ ପରଦିନ ପାଳିତ ହୁଏ ଗୁରୁଣ୍ଡି ପର୍ବ ।ଏହି ପର୍ବକୁ ଉତ୍ସାହ ସହ ପାଳନ କରିଚନ୍ତି କୁସୁମପୁର ସାତ ପାଳି ଗାଁଲେକେ ଯଥା, କୁସୁମପୁର,ରେଙ୍ଗାଭାଟି, ସୋନପୁର, ମାରଙ୍ଗପାଲି, ଜୋହିଲଗୁଡା, ଆମାବେଡା, ଝାକରପାରା, ମୁନିଙ୍ଗାଡିହି, ଲାଲମାଟି, ଡଙ୍ଗରିପାରା, ଏହିସବୁ ଗାଁରେ ପାଳିତ ହଇଯାଇଛି ଏବଂ ଗାଁ କୁ ବୁଲିବା ସହିତ ଗୀତ ଗାନ କରାଯାଏ ଗୀତ। ଅନୁସୂଚିତ ଜାତି ଜନଜାତି ଓ ଓବିଶି ବର୍ଗର ଲୋକ ମାନେ ପାଳନ କରିଥାନ୍ତି। ଏବଂ ପରମ୍ପରାଅନୁ ଯାଇ ପୂର୍ବପୁରୁଷ ଗାଇ ଆସୁଥିବା ଗୀତ ହେଲା,ହାରସେ ଲଣ୍ଡି ଭୂର ଶୁଣ୍ଡି ଡୟା ଡୟା ଭୁର ଶୁଣ୍ଡି କେଡା ମେଡା ହେଡାତେ ଡୟା ବୁର୍ଶୁଣ୍ଡି ନିୟୁଆ ଡେରାତେ ଥାହା ସହିତଆହୁରି ଗୋଟିଏ ଗୀତ ଗାନ କରନ୍ତି ସେହିଗୀତ ହେଲା। ବୁରଶୁଣ୍ଡି ନାୟ ଦେଲା ଘରେ ଚବରେ ଗୁଣ୍ଡି ଗୀତ ରେ କମ୍ପିଲା ଗାଁ ଗହଳିରେୟ ଏହି ପାରମ୍ପରିକ କୃଷି ବିତିକ ଗୀତ ଗାଇ ୧୦ ଟି ବ୍ଲକ ର କେତେକ ଗାଁରେ କୃଷିବିତିକ ଗରଣ୍ଡୀ ପର୍ବ ପାଳନ କରାଯାଇଛି। ନୂଆଁଖାଇ ପରଦିନ ଗାଁ ର ଯୁବକମାନେ ଘର ଘର ବୁଲି ଚଉଳ,ପନିପରିବା, କୁକୁଡା, ପାରା, ହଂସ ମାଗିବା ବେଳେ ଏହି ଗୀତ ଗାହାନ୍ତି।

## ଜିଲ୍ଲାପାଳ,ରାୟଗଡ଼ଙ୍କ କାଶୀପୁର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ରାୟଗଡ(ମହାଭାରତ) : ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରୋକ୍ଷୀ ଅଧିକ୍ଷକ ହରିଶ ବି. ସି,ନିର୍ବାହୀ ଅଧିକାରୀ ତଥା ଉତ୍ତୟନ ଅଧିକାରୀ ଜିଲ୍ଲା ପରିଷଦ, ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ଦେୀ,ସମିତି ଅଧକ୍ଷ, କଣ୍ଠମାଝି, ଜିଲ୍ଲା ମୁଖ୍ୟ ଚିକିସ୍ଛା ଅଧିକାରୀଡାକ୍ତର ଲାଲ ମୋହନ ରାଉତରାୟ ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ । ଆଜି ମୋଟ ୧୦୨ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୮୨ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୯ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ୧୦ଜଣକୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ହଜାର ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଛନ୍ତି । ୮ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ୮ଲକ୍ଷ୍ୟ ୫୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଜିଲ୍ଲାପାଳ ୯ଟି ଅଭିଯୋଗ ତତକ୍ଷଣତ ଫଇସଲା କରିଛନ୍ତି। ଏହାପରେ ଜିଲ୍ଲାପାଳ କଡ଼କ୍ଷପକ୍ଷଡି ପଂଚାୟତରେ ପଲ୍ଲୀରୁ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗଦେଇ ବିଭତ୍ତ ସହାୟତା ପ୍ରଦାନ କରିଥିଲେ ଓ ବିଭିତ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଅନୁଧାନ କରିଥିଲେ । ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ କୁମାର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଭାରତ ଭୂଷଣ ବିଶ୍ୱାଳଙ୍କ, ପିଡି ୱାଟରସେଡ ଡ଼ଃ ଦୟାନିଧି ବାଗ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂହ ପଟ୍ଟନାୟକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର,ଜିଲ୍ଲାସାମାଜ କଲ୍ୟାଣ ଅଧିକାରୀ ପ୍ରତିମା ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବସନ୍ତ ପ୍ରଧାନ,ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଆଲେନୁର,ଜିଲ୍ଲା ଦକ୍ଷତା ବିକାଶ ତଥା କର୍ମ ନିୟୋଜନ ଅଧିକାରୀ ତ□ମୋସୀ ମହାପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ, ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ ଧଳ ସାମନ୍ତ,ସମେତ କାଶୀପୁର ବିଡ଼ିଓ ଅମୃତ ଲାଲ,ତହସିଲଦାର ଏବଂ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ ସେହିପରି ଜିଲ୍ଲା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଓ଼ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣୀ କରିଥିଲେ।

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଶିକ୍ଷକ ସନ୍ତୋଷ କରଙ୍କୁ ସମ୍ବର୍ଦ୍ଧନା




କଳାହାଣ୍ଡି/(ମହାଭାରତ) ଭବାନୀପାଟଣା: ଭବାନୀପାଟଣା ସହରସ୍ଥିତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମ୍ମେଳନ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଯୋଗଦେଇ ଶ୍ରୀ କରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଥିଲେ। ଶିକ୍ଷାଦାନ କ୍ଷେତ୍ରରେ ନିଜର କର୍ତ୍ତବ୍ୟନିଷ୍ଠା ଓ ଉତ୍ସର୍ଗୀକୃତ ସେବା ପାଇଁ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଶ୍ରୀ କର ଜିଲ୍ଲା ତଥା ଶିକ୍ଷା ବିଭାଗ ପାଇଁ ଗର୍ବ ଓ ଗୌରବ। ଆଗାମୀ ଦିନରେ ଶ୍ରୀ କରଙ୍କ ଭଳି ଅନ୍ୟ ଶିକ୍ଷକ ବନ୍ଧୁମାନେ ମଧ ଜିଲ୍ଲା ତଥା ଶିକ୍ଷା ବିଭାଗ ପାଇଁ ଗୌରବ ଆଣିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ କରଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେଉଥିବା ସମୟର ଭିଡିଓ ପ୍ରଦର୍ଶନ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକର ବିଇଓ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷକଗଣ, ପୂର୍ବ ବିଜ୍ଞାନ ପର୍ଯ୍ୟବେକ୍ଷକ ହିମାଂଶୁ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଏବଂ ଡିପିସି ଅଫିସର କର୍ମଚାରୀ ଉପସ୍ଥିତ ଥିଲେୟ ଧନ୍ୟବାଦ ଦେଇଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ। ସମଗ୍ର କାର୍ଯ୍ୟକ୍ରମକୁ ପ୍ରଶାନ୍ତ ନନ୍ଦ, ବୀରେନ୍ଦ୍ର ଆଚାର୍ଯ୍ୟ, ସୋମନାଥ ସାହୁ, ତପନ ମୁଣ୍ଡ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଯେ ଶ୍ରୀ କର ଗତ ଗୁରୁଦିବସ ଦିନ ଦିଲ୍ଲୀ ଠାରେ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଜାତୀୟ ଶିକ୍ଷକ ସମ୍ମାନରେ ସମ୍ମାନିତ ହୋଇଥିଲେ। ଶ୍ରୀ କରଙ୍କୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାରୁ ସେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ପଞ୍ଚାୟତ ଜନପ୍ରତିନିଧି ମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବାକୁ ଦାବି



କରଞ୍ଜିଆ, (ମହାଭାରତ) ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନା ରେ ପଞ୍ଚାୟତ ଜନ ପ୍ରତିନିଧି ମାନଙ୍କୁ ସାମିଲ କରିବାକୁ ଦାବୀ ହୋଇଛି ।ମଙ୍ଗଳବାର ଦିନ ଠାକୁରମୁଣ୍ଡା ବ୍ଲକ ର ପଞ୍ଚାୟତ ଜନ ପ୍ରତିନିଧି ମାନେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟ ରେ ଏକ ଦାବୀପତ୍ର ବିଡ଼ିଓ ଙ୍କୁ ପ୍ରଦାନ କରିଛନ୍ତି। ଆରମ୍ଭ ହୋଇ ଥିବା ସୁଭଦ୍ରା ଯୋଜନା ର ନିୟମାବଳୀ ରେ ପଞ୍ଚାୟତ ପ୍ରତିନିଧି ମାନଙ୍କୁ ବାଦ ଦିଆଯାଇଛି। ପ୍ରତିନିଧି ମାନେ ପ୍ରଦାନ କରିଥିବା ଦାବୀ ପତ୍ର ରେ ଉଲ୍ଲେଖ କରିଛନ୍ତି ଯେ ନିର୍ବାଚିତ ହୋଇଥିବା ସମିତି ସଭ୍ୟ,ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ ମାନଙ୍କ ମଧ୍ୟରୁ ପ୍ରାୟ ୯୦% ଗରିବ ଶ୍ରେଣୀ ରେ ଅନ୍ତର୍ଭୁକ୍ତ ।ଏଣୁ ରାଜ୍ୟ ସରକାର ସୁଭଦ୍ରା ଯୋଜନା ର ନିୟମାବଳୀ କୁ ସଂଶୋଧନ କରି ପଞ୍ଚାୟତ ପ୍ରତିନିଧି ମାନଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଅନୁରୋଧ କରିଛନ୍ତି। ବିଡ଼ିଓ ଙ୍କୁ ଦାବୀ ପତ୍ର ପ୍ରଦାନ ବେଳେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ବ୍ଲକ ଉପାଧକ୍ଷ,ସନ୍ତୋଷ କୁମାର ମହାନ୍ତ,ସରପ□ ବ୍ରହ୍ମାନନ୍ଦ ଦେହୁରୀ,ପେଲୋଙ୍ଗ ହୋ,ସମିତି ସଭ୍ୟ ପ୍ରତାପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ରାଇରଙ୍ଗପୁର(ମହାଭାରତ):ଆଜି ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଠାରେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରେ ଏକ ଯୁଗ୍ମ ଜନ ଶୁଣାଣି ଅଭିଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି। ବାମନଘାଟୀ ଉପ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦାଶ,ଓ. ପ୍ର. ସେ.ଙ୍କ ତତ୍ୱାବଧାନରେ ଜିଲ୍ଲାପାଳ ଶ୍ରୀ ହେମ କାନ୍ତ ସଏ,ଭା. ପ୍ର. ସେ.ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ ଶିବିର ରେ ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ଏସ.ସୁଶ୍ରୀ,ଭା. ପୋ.ସେ.,ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର,ଓ.ପ୍ର.ସେ., ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ର ଅଧିକ୍ଷକ ଡାକ୍ତର ରବୀନ୍ଦ୍ର କୁମାର ମାରାଣ୍ଡି ଓ କରଞ୍ଜିଆ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ସୁବ୍ରତ କୁମାର ପ୍ରମୁଖ ଯୋଗ ଦେଇଥିଲେ।ପ୍ରାରମ୍ଭ ରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସହ ଜନସାଧାରଣ ଙ୍କ ଠାରୁ ଆସୁଥିବା ଆପତ୍ତି ଅଭିଯୋଗ ଗୁଡିକର ସମାଧାନ ତ୍ୱରିତ ପ୍ରକ୍ରିୟା ରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଆଜିର ଏହି ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୯୩ ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୭୭ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୧୬ଟି ଗ୍ରାମବାସୀ ଙ୍କ ବିଭିତ୍ତ ସମସ୍ୟା ଭିତ୍ତିକ ସାମୁହିକ ଅଭିଯୋଗ ଥିଲା।

## ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଓ ବାଲୁଗାଁ ଏକ ଦିବସୀୟ ଶିବିର ଅନୁଷ୍ଠିତ

ବାଣପୁର :( ମହାଭାରତ )ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଓ ବାଲୁଗାଁ ଶାଖା ଦ୍ୱାରା ବିଶ୍ୱ ଭାତୃତ୍ୱ ଦିବସ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ସରସ୍ତୀ ଶିଶୁ ମନ୍ଦିର ବାଣପୁର ଠାରେ ଏକ ଦିବସୀୟ ଶିବିର ଆନୁଷ୍ଠିତ ହୋଇଯାଇଛି ।.ଏହି ଶିବିର ରେ ବାଣପୁର ଓ ବାଲୁଗାଁ କଲେଜ ର ଛାତ୍ର ଛାତ୍ରି ମାନେ ଯୋଗ ଦେଇଥିଲେ ।

## ନାଲକୋରେ ଅର୍ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଠିକା ଶ୍ରମିକଙ୍କ ଆନ୍ଦୋଳନ

## ୫ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ



ଅନୁଗୋଳ,(ମହାଭାରତ):ନାଲକୋ ସିପିପି, ସ୍ମେଲ୍ ଟର, ଖଣି ଓ ବିଶୋଧନ ପ୍ରକଳ୍ପରେ କାର୍ଯ୍ୟରତ ଠିକା ଶ୍ରମିକ ସଂଗଠନର ପକ୍ଷରୁ ୫ ଦଫା ଦାବି ନେଇ ସମସ୍ତ ୟୁନିଟ ରେ ଅର୍ନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିଛି । ଆଜକୁ ୪ ବର୍ଷ ହେବ ବାରମ୍ବାର ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିଆସୁଥିଲେ ମଧ ନାଲକୋ କର୍ତ୍ତୃପକ୍ଷ ଉଦ୍ଦେଶ୍ୟମୂଳକ ଭାବେ କୌଣସି ଦାବି ଗୁଡ଼ିକ ପୂରଣ କରୁନାହାନ୍ତି, ଏପରିକି ଭୁବନେଶ୍ୱର କର୍ପୋରେଟ୍ କାର୍ଯ୍ୟାଳୟ କୁ ଡକାଇ ଆଲୋଚନା କରି ଆଶ୍ୱାସନା ଦେଇ ଫେରାଇ ଦେଉଛନ୍ତି। ନିକଟ ଅତୀତରେ କର୍ପୋରେଟ୍ କାର୍ଯ୍ୟାଳୟରୁ ଠିକା ଶ୍ରମିକ ସଂଗଠନର ନେତୃବୃନ୍ଦ ଙ୍କୁ ଦେଶର ବିଭିତ୍ତ ଉଦ୍ୟୋଗ ବୁଲାଇ ନେବା ପାଇଁ ଚିଠି ଆସିଥିଲା ଉଦ୍ଦେଶ୍ୟ ଥିଲା ବିଭିତ୍ତ ନବରତ୍ନ ଓ ମହାରତ୍ନ ଉଦ୍ୟୋଗରେ ଠିକା ଶ୍ରମିକମାନଙ୍କୁ କିଭଳି ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ତା ଉପରେ ଅନୁଧାନ କରିବା ପରବର୍ତ୍ତୀ ସମୟରେ ସେହି ସବୁ ସୁବିଧା ନାଲକୋ ଶ୍ରମିକମାନଙ୍କୁ ଯୋଗାଇଦେବାର ଉଦ୍ଦେଶ୍ୟ ଥିଲା। ତେବେ ନାଲକୋର ପ୍ରଶାସନିକ ନିର୍ଦ୍ଦେଶକ ଏହାକୁ ବାତିଲ କରିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯେକୌଣସି ଆଲୋଚନା ପାଇଁ ନାଲକୋ କର୍ତ୍ତୃପକ୍ଷ ସଂପୃକ୍ତ ସ୍ଥାନ କୁ ଯାଇ ସମାଧାନ କରିବାକୁ ଦାବି ହେଉଛି । ଯଦି ନାଲକୋ କର୍ତ୍ତୃପକ୍ଷ ଦାବି ଗୁଡ଼ିକ ପ୍ରତି ଗୁରୁତ୍ୱ ପ୍ରଦାନ ପ୍ରଦାନ ନକରନ୍ତି ତାହେଲେ ଶ୍ରମିକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଶ୍ରମିକ ମାନଙ୍କ ଦାବି ଗୁଡ଼ିକ ହେଲା ଅବସରକାଳୀନ ଭତ୍ତା, ଶ୍ରମିକମାନଙ୍କ ପଦୋନ୍ନତି, ଶ୍ରମିକମାନଙ୍କ ଅବସର କିମ୍ବା ଶାରୀରିକ ଅକ୍ଷମ ଯୋଗୁଁ ଉତ୍ତରାଧିକାରୀ ଓ ଅତିରିକ୍ତ ଭତ୍ତା ବୃଦ୍ଧି ପାଇଁ ଦାବି ରହିଛି ।

## ପାରାଦୀପରୁ କୌଶଳ ରଥ ଯାତ୍ରାର ଶୁଭାରମ୍ଭ

ପାରାଦୀପ(ମହାଭାରତ୍ୟ ରାଜ୍ୟର ଛାତ୍ରଛାତ୍ରୀମାନଙ୍କର କୌଶଳଭିତ୍ତିକ ଶିକ୍ଷାରେ ଆଗ୍ରହ ବଢ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କୌଶଳ ରଥର ଯାତ୍ରା ସୋମବାର ଦିନ ପାରାଦୀପଠାରୁ ଆରମ୍ଭ ହୋଇଛି । ଏହି ରଥକୁ ଆନୁଷ୍ଠାନିକ ଉଦଘାଟନ କରିଥିଲେ ରାଜ୍ୟ ସରକାରଙ୍କ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଅତ୍ୟାଧୁନିକ ଜ୍ଞାନକୌଶଳରେ ଖଚିତ ଏହି ରଥ ଚଳିତ ମାସ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପି ଜଗତସିଂହପୁର ଜିଲ୍ଲାରେ ଗଡିବ । ସୋମବାର ଦିନ ଜିଲ୍ଲା ପ୍ରଶାସନ ତଥା ଦକ୍ଷତା ବିକାଶ ଓ ଶ୍ରମ ନିୟୋଜନ ବିଭାଗ ପକ୍ଷରୁ ପାରାଦୀପ ନୂଆଗଡସ୍ଥିତ ଆଟିଆଇଠାରେ ମାନ୍ୟବର ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରଥକୁ ଉଦଘାଟନ କରିବା ସହିତ ଆଗାମୀ ଦିନରେ ଜିଲ୍ଲାରେ ବିଭିନ୍ନ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯାଇ ଯୁବକଯୁବତୀମାନଙ୍କୁ ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ କରିବା ସହ ଆତ୍ମ ନିର୍ଭର କରିବା ପାଇଁ କାର୍ଯ୍ୟ ହେବ ବୋଲି କହିଥିଲେ । ଏହି ଉତ୍ସବରେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ପାରାଦୀପ ଆଟିଆଇର ଅଧକ୍ଷ ତଥା ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଗତିକୃଷ୍ଣ ବେହେରା,ସ୍ଥାନୀୟ ସରପଂଚ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କଠାରୁ ସୂଚନା ମିଳିଛି ।

## ବର୍ଷାରେ ଭାଙ୍ଗିଲା ଘର ; ଅନ୍ଧକେ ବର୍ତ୍ତିଲେ ପରିବାର

କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ଅଞ୍ଚଳରେ ଗତ ଦୁଇଦିନ ହେଲା ପ୍ରବଳ ବର୍ଷା ଲାଗିରହିଛି। ବର୍ଷା ଯୋଗୁଁ ଗମ୍ଭାରୀଗୁଡା ପଞ୍ଚାୟତ ସିଲିଗୁଡା ଗ୍ରାମର ଇଶ୍ୱର ଶଗଡ଼ିଆଙ୍କ ଘର କାନ୍ଥ ଭୁଶୁଡ଼ି ଯିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ତାଙ୍କ ପରିବାର ଲୋକେ। ସୋମବାର ସନ୍ଧ୍ୟା ସମୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁଁ ଘର ଭୁଷୁଡି ଯାଇଥିଲା।




ଘର ଭିତରେ ଇଶ୍ୱର ଓ ତାଙ୍କ ଭାଇ ଶିବ ଶଗଡ଼ିଆଙ୍କ ପରିବାରର ୮ ଜଣ ସଦସ୍ୟ ରହିଥିଲେ। ବର୍ତ୍ତମାନ ଘର ଭୁଘୁଡି ପଡ଼ି ଥିବାରୁ ପୁରା ପରିବାର ଚିନ୍ତାରେ ରହିଛନ୍ତି। ଏପଟେ ଘର ଭାଙ୍ଗି ପଡ଼ିବାରୁ କିଛି ଆସବାବପତ୍ର ମଧ ନଷ୍ଟ ହୋଇଥିବା ଜଣାପଡିଛି। ଅନେକ ଦିନରୁ ଇଶ୍ର ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଆବେଦନ କରି ଆସୁଥିଲେ ମଧ ତାଙ୍କୁ ଏ ପର୍ଯ୍ୟନ୍ତ ଗୃହ ମିଳିପାରିନାହିଁ। ତେଣୁ ତାଙ୍କୁ ସରକାରୀ ସହାୟତା ସହ ଆବାସ ଯୋଜନାରେ ସାମିଲ କରି ଗୃହ ଯୋଗାଇ ଦେବାକୁ ଦାବି ହୋଇଛି।

# ମମତାଙ୍କ ହାତ ଛାଡ଼ିଲେ ରାଜ୍ୟସଭା ସାଂସଦ ଜବାହର ସରକାର

**କୋଲକାତା,୧୦।୯(ଏଜେନ୍ସି):** ଟିଏମସି ରାଜ୍ୟସଭା ସାଂସଦ ଜବାହର ସରକାର କୋଲକାତାର ଆରଜି କର ହସ୍ପିଟାଲରେ ଘଟିଥିବା ଘଟଣାର ପ୍ରତିବାଦ କରି ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏକ ଚିଠି ଲେଖି ତାଙ୍କ ଇସ୍ତଫା ସମ୍ପର୍କରେ ସୂଚନା ଦେଇଛନ୍ତି । ପୂର୍ବତନ ବରିଷ୍ଠ ଅମଲାତନ୍ତ୍ର ରାଜ୍ୟସଭା ସାଂସଦ ଜବାହର ମମତାଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ମମତା ନିଜେ ଏହି ଚାଲୁଥିବା ଆନ୍ଦୋଳନରେ ହସ୍ତକ୍ଷେପ କରିବେ ବୋଲି ସେ ଭାବୁଥିଲେ । କିନ୍ତୁ ତାହା ଦେଖିବାକୁ ମିଳିନାହିଁ ।

ବଳାତ୍କାର ଓ ହତ୍ୟା ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ସହ ରାଜ୍ୟକୁ ବଞ୍ଚାଇବା ପାଇଁ ଶୀଘ୍ର କିଛି କରିବାକୁ କହିଛନ୍ତି । ଜବାହର ନିଜ ଚିଠିରେ ଉଲ୍ଲେଖ କରିଛନ୍ତି କୋଲକାତାରେ ଚାଲିଥିବା ବିକ୍ଷୋଭ ପଶ୍ଚିମବଙ୍ଗକୁ ଥରାଇ ଦେଇଛି । ଏହା ଟିଏମସି ସରକାରଙ୍କ ଅନୁକମ୍ପାମୂଳକ ତଥା ଦୁର୍ନୀତିଗ୍ରସ୍ତ ଲୋକଙ୍କ ଅନିୟନ୍ତ୍ରିତ ପ୍ରାଧାନ୍ୟ ମନୋଭାବ ବିରୋଧରେ ଜନସାଧାରଣଙ୍କ କ୍ରୋଧର ପ୍ରତିଫଳନ ।



ମୁଁ ଭାବିଥିଲି ଆପଣ ଏହି ଆନ୍ଦୋଳନରେ ହସ୍ତକ୍ଷେପ କରିବେ, କିନ୍ତୁ ମୁଁ ତାହା ଦେଖିଲି ନାହିଁ । ଅନୁଭବ ହୋଇଥିଲା ଆପଣ ପୁରୁଣା ମମତା ବାନାର୍ଜୀଙ୍କ ଭଳି ନିଷ୍ପତ୍ତି ନେବେ, କିନ୍ତୁ ଆପଣ କେଣସି ଠୋସ୍ ପଦକ୍ଷେପ ନେଇ ନାହାଁନ୍ତି । ଯଦିଓ ବର୍ତ୍ତମାନ ପଦକ୍ଷେପ ନିଆଯାଇଛି, ତଥାପି ବହୁତ ବିଳମ୍ବ କରାଯାଇଛି । ବର୍ତ୍ତମାନ ରାଜ୍ୟରେ ଶାନ୍ତି ଫେରାଇ ଆଣିବା ଉଚିତ ଏବଂ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବା ଜରୁରୀ ।

ସେ ଲେଖିଛନ୍ତି, ଆରଜି କର ହସ୍ପିଟାଲରେ ଘଟିଥିବା ଭୟଙ୍କର ଘଟଣା ପରଠାରୁ ମୁଁ ଏକ ମାସ ଧରି ଧୈର୍ଯ୍ୟର ସହ ଅପେକ୍ଷା କରିଥିଲି । ମମତା ବାନାର୍ଜୀଙ୍କଠାରୁ ପୁରୁଣା ଶୈଳୀରେ ଆନ୍ଦୋଳନକାରୀ ଜୁନିଅର ଡାକ୍ତରମାନଙ୍କ ସପକ୍ଷରେ ପ୍ରତ୍ୟକ୍ଷ ହସ୍ତକ୍ଷେପ ଆଶା କରୁଥିଲି । ଏହା ହୋଇନାହିଁ । ସରକାର ଯାହା କିଛି ଦଣ୍ଡନୀୟ ପଦକ୍ଷେପ ନେଉଛନ୍ତି ତାହା ବହୁତ କମ୍ ଏବଂ ବହୁତ ବିଳମ୍ବ ।

ମୁଁ ଅନୁଭବ କରୁଛି ଯଦି ଦୁର୍ନୀତିଗ୍ରସ୍ତ ଡାକ୍ତରଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥାନ୍ତା ଏବଂ ଯେଉଁମାନେ ଅନୁପଯୁକ୍ତ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ସେମାନଙ୍କୁ ଏହି ନିନ୍ଦନୀୟ ଘଟଣା ପରେ ତୁରନ୍ତ ଦଣ୍ଡିତ କରାଯାଇଥାନ୍ତା, ତେବେ ରାଜ୍ୟରେ ସ୍ୱାଭାବିକତା ପୁନଃସ୍ଥାପିତ ହୋଇ ପାରିଥାନ୍ତା ।

ସୂଚନାଯୋଗ୍ୟ, ଟିଏମସି ଅଗଷ୍ଟ ୨୦୨୧ରେ ପୂର୍ବତନ ଅମଲାତନ୍ତ୍ର ଜବାହର ସରକାରଙ୍କୁ ରାଜ୍ୟସଭାକୁ ପଠାଇଥିଲା । ଜବାହର ସରକାରଙ୍କ ଇସ୍ତଫା ପରେ ବର୍ତ୍ତମାନ ପଶ୍ଚିମବଙ୍ଗରେ ସମୁଦାୟ ୧୬ଟି ରାଜ୍ୟସଭା ଆସନ ଅଛି । ସେଥିମଧ୍ୟରୁ ୧୨ଟି ଆସନ ଟିଏମସି, ୨ଟି ବିଜେପି ଏବଂ ଗୋଟିଏ ଗୋଟିଏ ଆସନ କଂଗ୍ରେସ ଏବଂ ସିପିଆଇ (ଏମ୍) ପାଖରେ ରହିଛି । ଏଭଳି ପରିସ୍ଥିତିରେ ଜବାହର ସରକାରଙ୍କ ଇସ୍ତଫା ଏବଂ ଟିଏମସି ଛାଡିବା ପରେ ଦଳ ମଧ୍ୟରେ ବିବାଦ ଆହୁରି ବଢ଼ିପାରେ ବୋଲି ରାଜ୍ୟ ରାଜନେତିକ ମହଲରେ ଚର୍ଚ୍ଚା ହେଉଛି ।

# ମଗଧ ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ, ଦୁଇଭାଗ ହେଲା ଟ୍ରେନ୍

**ଆରା,୧୦।୯(ଏଜେନ୍ସି):** ବିହାରର ବକ୍ସର ଜିଲାରେ ରବିବାର ଘଟିଛି । ଏକ ଟ୍ରେନ୍ ଦୁର୍ଘଟଣା ଦିଲ୍ଲୀରୁ ଆସୁଥିବା ମଗଧ ଏକ୍ସପ୍ରେସ ଟ୍ରେନ ଟୁନିଗଞ୍ଜ ରେଳ ଷ୍ଟେସନରେ ହଠାତ ଦୁଇ ଭାଗ ହୋଇଯାଇଥିଲା । ଚଳନ୍ତା ଟ୍ରେନ୍ ଦୁଇ ଭାଗ ହୋଇଯିବା ପରେ ଯାତ୍ରୀମାନେ ଆତଙ୍କିତ ହୋଇଯାଇଥିଲେ । ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା । ଲୋକୋ ପାଇଲଟ ତୁରନ୍ତ ଟ୍ରେନକୁ ଅଟକାଇଥିଲେ । ଖବର ପାଇ ରେଲୱେ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି ବର୍ତ୍ତମାନସୁଦ୍ଧା କ୍ଷୟକ୍ଷତି ନେଇ କୌଣସି ସୂଚନା ନାହିଁ । ରବିବାର ଦିନ ପ୍ରାୟ ୧୧ଟା ୧୫ ସମୟରେ ଇଞ୍ଜିନରୁ ୧୩ ଓ ୧୪ ନମ୍ବର ବଗି ମଧ୍ୟରେ ଯୋଡ଼େଇ ଛାଡ଼ିଯିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ୨୦୮୦୨ ଡାଉନ ମଗଧ ଏକ୍ସପ୍ରେସ୍ ନୂଆଦିଲ୍ଲୀରୁ ପାଟନା ଯାଉଥିଲା ଡୁମରାଓ ରେଳ ଷ୍ଟେସନ ଛାଡ଼ି ଟୁନିଗଞ୍ଜ ରେଳ ଷ୍ଟେସନରେ ପହଞ୍ଚିବା ମାତ୍ରେ ହଠାତ ଟ୍ରେନ ବଗି ଅଲଗା ହୋଇଯାଇଥିଲା ।



# ନାଇଜେରିଆରେ ତେଲ ଟ୍ୟାଙ୍କର ବିସ୍ଫୋରଣ; ୫୦ରୁ ଅଧିକ ମୃତ

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):** ନାଇଜେରିଆରେ ଏକ ତେଲ ଟ୍ୟାଙ୍କର ଓ ଲୋକ ଭର୍ତ୍ତି ଟ୍ରକ୍ ମୁହାଁମୁହିଁ ଧକ୍କା ହେବାଫଳରେ ୫୦ ଜଣଙ୍କ ମୃତ୍ୟୁ ଘଟିଛି । ସ୍ଥାନୀୟ ଜରୁରୀକାଳୀନ ପରିଚାଳନା ଏଜେନ୍ସି କହିଛି ଯେ ରବିବାର ଅପରାହ୍ନ ସାଢ଼େ ୧୨ଟା ସମୟରେ ଏହି ଦୁର୍ଘଟଣା ଘଟିଛି । ତେଲ ଟ୍ୟାଙ୍କର ଓ ଟ୍ରକ୍ ମୁହାଁମୁହିଁ ଧକ୍କା ହେବା ପରେ ଏହି ବିସ୍ଫୋରଣ ଘଟିଛି । ସେଠାରେ ଲୋକଙ୍କ ସହ କିଛି ଗୃହପାଳିତ ପଶୁ ମଧ୍ୟ ଥିଲେ । ଏହାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି ଏବଂ ଏଥିରେ ଦେଖିବାକୁ ମିଳିଛି ଯେ କିଛି ସମୟ ପରେ ଉଭୟ ଗାଡିରେ ନିଆଁ ଲାଗିଯାଇଥିଲା । ପାଖରେ ଜୀବଜନ୍ତୁଙ୍କ ମୃତଦେହ ପଡ଼ି ରହିଛି । ଜରୁରୀକାଳୀନ ଏଜେନ୍ସିର ମୁଖପାତ୍ର ହୁସେନ ଇବ୍ରାହିମ ଗଣମାଧ୍ୟମକୁ କହିଛନ୍ତି ଯେ ଏହା ଗତ କିଛି ବର୍ଷ ମଧ୍ୟରେ ସବୁଠାରୁ ଭୟଙ୍କର ଦୁର୍ଘଟଣା । ନାଇଜେରିଆରେ ଖରାପ ରାସ୍ତା ଯୋଗୁଁ ପ୍ରତିଦିନ ଏପରି ଘଟୁଛି ।



# ଦୀପାବଳିରେ ଦିଲ୍ଲୀରେ ବାଣଫୁଟା ବନ୍ଦ

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):** ଶୀତଋତୁରେ ଜାତୀୟ ରାଜଧାନୀ ଦିଲ୍ଲୀରେ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସରକାର ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଣ ଉତ୍ପାଦନ, ସଂରକ୍ଷଣ, ବିକ୍ରୟ ଏବଂ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଦିଲ୍ଲୀ ସରକାରଙ୍କ ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି ଯେ ଅନଲାଇନରେ ବାଣ ବିକ୍ରୟ ତଥା ବିତରଣ ଉପରେ ପ୍ରତିବନ୍ଧକ ଜାରି ରହିବ । ଏହି ନିଷେଧାଜ୍ଞା ୧ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ପ୍ରତିବନ୍ଧକକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ଦିଲ୍ଲୀ ପୁଲିସ, ଡିପିସିସି ଏବଂ ରାଜସ୍ୱ ବିଭାଗ ସହଯୋଗରେ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବ ବୋଲି ଗୋପାଳ ରାୟ କହିଛନ୍ତି । ଗତ ବର୍ଷ ମଧ୍ୟ ସେପ୍ଟେମ୍ବର ମାସରେ ଦିଲ୍ଲୀ ସରକାର ବାଣବିକ୍ରି ଉପରେ ପ୍ରତିବନ୍ଧକ ଘୋଷଣା କରିଥିଲେ । ପରିବେଶ ମନ୍ତ୍ରୀ ଗୋପାଳ ରାୟ କହିଛନ୍ତି ଯେ ଶୀତଦିନେ ସମସ୍ତ ବାଣର ବିକ୍ରୟ ତଥା ଫୁଟାଇବା ଉପରେ ପ୍ରତିବନ୍ଧକ ଲଗାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ଅକ୍ଟୋବରରୁ ଦିଲ୍ଲୀର ବାୟୁ ଖରାପ ହେବାକୁ ଲାଗିଥାଏ । ଏହାର ଦୁଇଟି ମୁଖ୍ୟ କାରଣ ଅଛି । ପ୍ରଥମେ, ଅକ୍ଟୋବରରେ ପାଗ ବଦଳିବା ଆରମ୍ଭ ହୋଇଥାଏ, ତାପମାତ୍ରା ହ୍ରାସ ହୁଏ ଏବଂ ପବନର ବେଗ ମଧ୍ୟ କମିଯାଏ । ଦ୍ୱିତୀୟତଃ ଶୀତଋତୁରେ ଦିଲ୍ଲୀର ଆଖପାଖ ରାଜ୍ୟଗୁଡିକର କୃଷକମାନେ ଚାଷ ଜମିରେ ନଡ଼ା ଜଳିବା ଆରମ୍ଭ କରନ୍ତି, ଯାହା ପ୍ରଦୂଷଣକୁ ବଢାଇଥାଏ । ଦୀପାବଳି ଅବସରରେ ବାଣ ଫୁଟାଇବା ଯୋଗୁ ପରିସ୍ଥିତି ଅଧିକ ଖରାପ ହୋଇଯାଇଥାଏ । ଦିଲ୍ଲୀରେ ସଦର ବଜାର, ଚାନ୍ଦନୀ ଚେକ୍, କୋଟଲା, ରୋହିଣୀ, ଏବଂ ଲକ୍ଷ୍ମୀନଗର ଭଳି ବଜାର ବାଣ ବ୍ୟବସାୟର ମୁଖ୍ୟ କେନ୍ଦ୍ର ଅଟେ । ତେବେ ବାଣ ଫୁଟା ଏବଂ ବିକ୍ରି ଉପରେ ହୋଇଥିବା ନିଷେଧାଦେଶ ଲୋକଙ୍କ ରୋଜଗାର ଉପରେ ମଧ୍ୟ ଖରାପ ପ୍ରଭାବ ପକାଉଛି ବୋଲି ବ୍ୟବସାୟୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି ।



# କ୍ୱାଡ ଶିଖର ସମ୍ମିଳନୀରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):** ଚଳିତମାସ ଶେଷରେ ଆମେରିକାରେ ହେବାକୁ ଥିବା କ୍ୱାଡ ଶିଖର ସମ୍ମିଳନୀରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ସମ୍ମିଳନୀରେ ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ନେତାମାନେ ବି ଯୋଗ ଦେବେ । ୱିଲମିଙ୍ଗଟନରେ ହେବାକୁ ଥିବା ବୈଠକ ଆସନ୍ତା ସେପ୍ଟେମ୍ବର ୨୧ ତାରିଖରେ ହେବାକୁ ଯାଉଛି । ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବ୍ୟତୀତ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଦା ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିସ୍ ଯୋଗ ଦେବେ । ଉଭୟ ଜୋ ବାଇଡେନ୍ ଓ ଫୁମିଓ କିସିଦାଙ୍କ ପାଇଁ ଏହା ହେବ ଶେଷ ଶିଖର ସମ୍ମିଳନୀ । କ୍ୱାଡ ଶିଖର ସମ୍ମିଳନୀ ଆଗାମୀ ବର୍ଷ ଅର୍ଥାତ ୨୦୨୫ରେ ଆମ ଦେଶ ଭାରତରେ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତିସଂଘର ସାଧାରଣ ବୈଠକରେ ଯୋଗ ଦେବାକୁ ଆମେରିକା ଯାଉଥିବା ବେଳେ କ୍ୱାଡ୍ ସମ୍ମିଳନୀରେ ସାମିଲ୍ ହେବେ । ତେବେ ଏହି ଉଚ୍ଚ ସ୍ତରୀୟ ବେଠକ କେଉଁ ତାରିଖରେ ଓ କେଉଁଠାରେ ହେବ ତାହା ଏବେ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଘୋଷଣା ହୋଇନାହିଁ । ଚଳତଥର ସମ୍ମିଳନୀ ନ୍ୟୁୟର୍କ ପରିବର୍ତ୍ତେ ୱିଲମିଙ୍ଗଟନରେ ହେବ ବୋଲି ସହଯୋଗୀଙ୍କ ମଧ୍ୟରେ ବିଚାର ବିମର୍ଷ ହେବା ପରେ ଯାଇ ନିଷ୍ପତ୍ତି ହୋଇଥିଲା ।



# ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ନିର୍ଗତ କରିବାରେ ଭାରତ ବିଶ୍ୱରେ ଏକ ନମ୍ବର

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):** ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ନିର୍ଗତ କରିବାରେ ଭାରତ ବିଶ୍ୱରେ ଏକ ନମ୍ବର । ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ନିୟନ୍ତ୍ରଣ ପାଇଁ ସରକାର ଆଇନ କରୁଛନ୍ତି ଯ ହେଲେ ଲୋକେ ମାନୁନାହାନ୍ତି । ସବୁ ନିୟମକୁ ଫୁ କରି ଦେଉଛନ୍ତି । ପରିଣତି ଅକାଳରେ ଯାଉଛି ଜୀବନ ।ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ନିର୍ଗତ କରିବାରେ ଏବେ ବିଶ୍ୱରେ ଏକ ନମ୍ବର ଭାରତ । ଏପରି ଆଖି ତରାଟି ଦେଲାଭଳି ତଥ୍ୟ ପ୍ରକାଶ କରିଛନ୍ତି ଇଂଲଣ୍ଡ ଲିଡ୍ ବିଶ୍ୱବିଦ୍ୟାଳୟର ଗବେଷକ । ବିଶ୍ୱରେ ସମୁଦାୟ ୫୨୦ ଲକ୍ଷ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ନିର୍ଗତ ହେଉଛି । ସେଥିରୁ ୧୮ ପ୍ରତିଶତ ଅର୍ଥା୍ ୯୦ ଲକ୍ଷ ୩୦ ହଜାର ଟନ୍ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ କେବଳ ଭାରତ ଛାଡୁଛି ।ଏଥିରୁ ଅନୁମାନ କରାଯାଇପାରେ ଯେ, କେତେ ପରିମାଣରେ ବିଷାକ୍ତ ପ୍ଲାଷ୍ଟିକ ଦେଶରେ ବ୍ୟବହାର ହେଉଛି । ଭାରତୀୟ ବହୁଳ ମାତ୍ରାରେ ପ୍ଲାଷ୍ଟିକ୍ ବ୍ୟବହାର କରୁଥିବାରୁ ନଦୀ, ନାଳ ଓ ବାୟୁରେ ପ୍ଲାଷ୍ଟିକର ସୂକ୍ଷ୍ମ ଅଂଶ ମିଶି ପି.ଏମ୍ ୨.୫ରେ ପରିଣତ ହେଉଛି । ଯାହାକି ଫୁସଫୁସ ଦେଇ ଶରୀରରେ କର୍କଟ ରୋଗ ସୃଷ୍ଟି କରୁଛି । ୧୯୬୩ ମସିହାରେ ପ୍ଲାଷ୍ଟିକ ଉଦ୍ଭାବନ ହୋଇଥିଲା । ଜୈବ ବିଘଟନ କ୍ଷମତା ନଥିବାରୁ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ପ୍ରଥମ କରି ଭାରତରେ ୧୯୯୮ରେ ନିୟନ୍ତ୍ରଣ ଆଇନ ହେଲା । ପ୍ରଥମେ ସରକାର ୨୦ ମାଇକ୍ରନ୍ ମୋଟେଇର ପଲିଥିନକୁ ଅନୁମତି ଦେଇଥିଲେ । ପରେ ୭୫ ମାଇକ୍ରନ୍ ଓ ୨୦୨୨ରେ ୧୨୦ ମାଇକ୍ରନ୍ ପ୍ଲାଷ୍ଟିକ୍ ବ୍ୟବହାର ନେଇ ସରକାରୀ ନିୟମ ହେଲା । ଅଥଚ ନା ଏଥିପ୍ରତି ଜନସାଧାରଣ ସଚେତନ ନା ନିୟମ କଡ଼ାକଡ଼ି ପାଳନ ପାଇଁ ସରକାର ତତ୍ପର । ଫଳରେ ପ୍ରଦୂଷଣକାରୀ ରାଷ୍ଟ୍ରଭାବେ ବିଶ୍ୱରେ ନିନ୍ଦିତ ହେଲାଣି ଭାରତ । ଉଲଂଘନାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବାରୁ ରାଜ୍ୟ ଓ ଦେଶରେ ବଢି ବଢି ଚାଲିଛି ପ୍ଲାଷ୍ଟିକର ବ୍ୟବହାର । ସରକାରୀ ଉଦାସୀନତା ଯୋଗୁ ଅକାଳେ ଯାଉଛି ଜୀବନ । ବିଶ୍ୱରେ ଏବେ ୪୦୦ ନିୟୁତ ଟନ୍ ପ୍ଲାଷ୍ଟିକ ଉତ୍ପାଦନ ହେଉଛି । ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ହେଉଛି ପରିବେଶ ପ୍ରଦୂଷଣର ମୂଳ କାରଣ । ଖାଦ୍ୟ ପୁଡ଼ିଆ, ଜିନିଷ ପ୍ୟାକେଟରେ ଏହା ବ୍ୟବହାର ହେଉଥିବାରୁ ଲୋକେ ଏହାକୁ ଏଣେତେଣେ ଫୋପାଡି ଦେଉଛନ୍ତି । ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସ୍ଥାନୀୟ ପ୍ରଶାସନ ଏସବୁ ଦେଖିବା କଥା । କେବଳ ବର୍ଷକୁ ଥରେ କିମ୍ବା ଦୁଇଥର ପ୍ରଦୂଷଣ ଦିବସ ପାଳନ କିମ୍ବା ସଚେତନତା ଦିବସ ଆସିଲେ ଚଢ଼ଉ କରି ଉଲଂଘନକାରୀଙ୍କ ଠାରୁ କିଛି ଜରିମାନା ଆଦାୟ କରି ନିଜ ଦାୟିତ୍ୱ ସାରି ଦେଉଛି ପ୍ରଶାସନ । ବାକି ବର୍ଷ ଯାକ ଲୋକେ ଓ ଦୋକାନୀ ବିଷାକ୍ତ ପ୍ଲାଷ୍ଟିକ ବ୍ୟାଗ ବର୍ଷତମାମ ବ୍ୟବହାର କରୁଛନ୍ତି । ବିଘଟନ ହୋଇପାରୁନଥିରୁ ପରିବେଶ ପ୍ରଦୂଷଣ କରିବାରେ ବଡ଼ କାରଣ ସାଜିଛି ପ୍ଲାଷ୍ଟିକ ।



# ବୀମା ପ୍ରିମିୟମ ଉପରେ ଜିଏସଟି କମିବ

**ନୂଆଦିଲ୍ଲୀ,୧୦।୯(ଏଜେନ୍ସି):** ସୋମବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସଟି କାଉନସିଲ ବୈଠକରେ ନିଆଯାଇଛି ବଡ ନିଷ୍ପତ୍ତି । ବୀମା ପ୍ରିମୟମ ଉପରେ ଲାଗୁ ୧୮% ଦ୍ରବ୍ୟ ଓ ସେବା ଟିକସ (ଜିଏସଟି) ହାର ହ୍ରାସ କରିବାକୁ ବୈଠକରେ ସହମତି ହୋଇଛି । କେତେ କମିବ ତାହା ପରବର୍ତ୍ତି ବୈଠକରେ ନିଷ୍ପତ୍ତି ନିଆଯିବ । ଦିଲ୍ଲୀରେ ଅନୁଷ୍ଠିତ ଏହି ବୈଠକରେ ଯୋଗ ଦେଇଥିବା ପଞ୍ଜାବର ଅର୍ଥମନ୍ତ୍ରୀ ହରପାଲ ସିଂ ଚିମା କହିଛନ୍ତି ଯେ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ପ୍ରିମିୟମ ଉପରେ ଜିଏସଟି ହ୍ରାସ କରିବାକୁ ପ୍ରାୟ ସମସ୍ତ ରାଜ୍ୟ ରାଜି ହୋଇଛନ୍ତି । କିନ୍ତୁ କିଛି ରାଜ୍ୟ ୫% ଦାବି କରୁଥିଲେ ତ ଆଉ କିଛି ଏହା ଉପରେ ଶୂନ ଜିଏସଟି ଦାବି କରୁଥିଲେ । ତେଣୁ ଏହି ପ୍ରସଙ୍ଗକୁ ମନ୍ତ୍ରୀଗୋଷ୍ଠୀକୁ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି । ଦିଲ୍ଲୀରେ ଅନୁଷ୍ଠିତ ଏହି ବୈଠକରେ ଯୋଗ ଦେଇଥିବା ପଞ୍ଜାବର ଅର୍ଥମନ୍ତ୍ରୀ ହରପାଲ ସିଂ ଚିମା କହିଛନ୍ତି ଯେ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ପ୍ରିମିୟମ ଉପରେ ଜିଏସଟି ହ୍ରାସ କରିବାକୁ ପ୍ରାୟ ସମସ୍ତ ରାଜ୍ୟ ରାଜି ହୋଇଛନ୍ତି । କିନ୍ତୁ କିଛି ରାଜ୍ୟ ୫% ଦାବି କରୁଥିଲେ ତ ଆଉ କିଛି ଏହା ଉପରେ ଶୂନ ଜିଏସଟି ଦାବି କରୁଥିଲେ । ତେଣୁ ଏହି ପ୍ରସଙ୍ଗକୁ ମନ୍ତ୍ରୀଗୋଷ୍ଠୀକୁ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି । କିଛି ଦିନ ତଳେ କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖି ଜୀବନ ବୀମା ଏବଂ ଚିକିତ୍ସା ବୀମା ପ୍ରିମିୟମ ଉପରେ ଲାଗୁ ୧୮ ପ୍ରତିଶତ ଜିଏସଟି ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ସେ କହିଥିଲେ ଯେ ଏହା ଜୀବନର ଅନିଶ୍ଚିତତା ଉପରେ ଟିକସ ଲଗାଇବା ପରି ଏବଂ ଏହା ଏହି କ୍ଷେତ୍ରର ଅଭିବୃଦ୍ଧିକୁ ପ୍ରଭାବିତ କରିବ ।




# ଗଡଜାତ ପରିକ୍ରମା ପୂଜ୍ୟପୂଜା ସମାରୋହ, ଗୁରୁଦିବସରେ ୧୧ ଗୁରୁ ସମ୍ବର୍ଦ୍ଧିତ



**ଆଠଗଡ,(ନିପ୍ର):** ଗୁରୁଙ୍କୁ ନ ମଣିବ ନର, ଗୁରୁ ହିଁ ସାକ୍ଷାତ୍ ଈଶ୍ୱରଙ୍କ ଅଜ୍ଞାନର ଆମା ଅନ୍ଧକାରରେ ଜ୍ଞାନର ଆଲୋକବର୍ତ୍ତିକା ସାଜି ଥାଆନ୍ତି ଗୁରୁ । ଗୁରୁଙ୍କ ମାର୍ଗଦର୍ଶନ ସଫଳତାର ମୂଳମନ୍ତ୍ର ବୋଲି ଗଡଜାତ ପରିକ୍ରମା ପକ୍ଷରୁ ଗୁରୁଦିବସ ଅବସରରେ ଆୟୋଜିତ ୧୦ମ ପୂଜ୍ୟପୂଜା ସମାରୋହରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଗଡ଼ଜାତ ପରିକ୍ରମାର ସଭାପତି ପ୍ରାଣକୃଷ୍ଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ତଥା ସଂସ୍କୃତି ଗବେଷକ ଡଃ ସଦାନନ୍ଦ ପରିଡା, ମୁଖ୍ୟବକ୍ତା ରୂପେ ବର୍ଷିୟାନ ସାମ୍ବାଦିକ ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ଶିରୋମଣି ଯୋଗଦେଇ ଜୀବନର ପ୍ରତିଟି ସୋପାନରେ ଗୁରୁଙ୍କର ଆବଶ୍ୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ । ସଭାପତି ଶ୍ରୀ ଦାଶ ତାଙ୍କ ଅଭିଭାଷଣରେ ଗୁରୁଙ୍କ ଉପରେ ଆଉଜଣେ ଅଛନ୍ତି ଏବଂ ସେ ହେଉଛନ୍ତି ସଦଗୁରୁ । ଯାହାଙ୍କୁ କେହି ଦେଖିପାରନ୍ତି ନାହିଁ, ସେଇ ସଦଗୁରୁଙ୍କ କୃପା ଯଦି ଆପଣଙ୍କ ଉପରେ ପଡିଥାଏ ତେବେ ଆପଣ ଜଣେ ଗୁରୁବାଚ୍ୟ ହୋଇପାରନ୍ତି ବୋଲି ମତପ୍ରକାଶ କରିଥିଲେ । ଗଡଜାତ ପରିକ୍ରମା ଉପସଭାପତି ସୁରେଶ ଚନ୍ଦ୍ର ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଲଲାଟେନ୍ଦୁ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୁରୁଦିବସ ଓପରେ ବିଶ୍ୱନାଥ ବିଦ୍ୟାପୀଠ ସଂଗୀତଗୁରୁ ସନ୍ତୋଷ ବେହେରାଙ୍କ ସ୍ୱରଚିତ ଓ ନିର୍ଦ୍ଦେଶିତ ଗୀତକୁ ବିଶ୍ୱନାଥ ବିଦ୍ୟାପୀଠର ଛାତ୍ରମାନେ ଗାନ କରିଥିଲେ । ଏହି ଅବସରରେ ପ୍ରାଣକୃଷ୍ଣ ଦାଶଙ୍କ ଏକ କବିତା ପୁସ୍ତକ 'ଲେଖନୀର ଝର' ଉନ୍ମୋଚିତ ହୋଇଥିଲା । ପୂଜ୍ୟପୂଜା ସମାରୋହରେ ପ୍ରଭାକର ଶିରୋମଣି, ଅଶୋକ ପ୍ରସନ୍ନ ଶରଣ, ଭୀମସେନ ସାହୁ, ରବିନ୍ଦ୍ରନାଥ ରାଉତ, ସ୍ୱର୍ଣ୍ଣଲତା ତ୍ରିପାଠୀ, କମଳା ନାୟକ, ପ୍ରସନ୍ନ କୁମାର ଦାଶ, ଡଃ କୁଳମଣି ବାରିକ, ସୁବଳ କୁମାର ନାୟକ, ଧ୍ରୁବ ଚରଣ ଦାଶ, ଦିବାକର ନାୟକ ପ୍ରମୁଖ ଏଗାର ଜଣ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୟ ତାପାରିଆ, ପୁଲିନ ମିଶ୍ର, ତ୍ରିଲୋଚନ ବେହେରା, ଅଶୋକ ଦାଶ, ପ୍ରମୋଦ ବିଶୋଇ, ଗଣେଶ ପ୍ରସାଦ ରାଉତ, ସଦାନନ୍ଦ ପଟ୍ଟନାୟକ, ଦୀପାଳି ଦାଶ, ରାଜେଶ୍ୱରୀ ଗୋସ୍ୱାମୀ ଏବଂ ସମାଜସେବୀ ରୂପଶ୍ରୀ ଶ୍ୱେତପଦ୍ମା ମହାନ୍ତି ସହଯୋଗ କରିଥିଲେ ।ଶେଷରେ ବରିଷ୍ଠ ସଭ୍ୟ ସୁବାସ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମୁକୁଳିଲେ ଛତିଶଗଡର ୪ ସାମ୍ବାଦିକ

**ମାଲକାନଗିରି,(ନିପ୍ର):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଚାରି ସାମ୍ବାଦିକଙ୍କୁ ଛତିଶଗଡ ପୁଲିସ ଚକ୍ରାନ୍ତ କରି ଜେଲ ପଠାଇଥିଲା । ଗୁରୁବାର ୪ ସାମ୍ବାଦିକ ଆନ୍ଧ୍ରର ରାଜମହେନ୍ଦ୍ରୀ ଜେଲରୁ ଜାମିନରେ ମୁକୁଳିବା ପରେ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ସୂଚନା ମୁତାବକ, ଛତିଶଗଡର ୪ ଜଣ ସାମ୍ବାଦିକ ବାପି ରାୟ, ଧର୍ମେନ୍ଦ୍ର ସିଂ, ମନିଷ ସିଂ ଓ ଇଶୁ ତ୍ରିବେଦୀ ଗତ ଅଗଷ୍ଟ ୯ ତାରିଖ ଓଡିଶା ଓ ଛତିଶଗଡ ସୀମାନ୍ତରେ ବାଲି ଚୋରାଚାଲାଣ ହେଉଥିବା ଖବରପାଇ ସେଠାକୁ ଖବର ସଂଗ୍ରହ କରିବା ନିମନ୍ତେ ଯାଇଥିଲ । ସେଠାକାର କୋଣ୍ଟା ପୁଲିସ ଗଣମାଧ୍ୟମ ପ୍ରତିନିଧିଙ୍କ ଗାଡିକୁ ଅଟକାଇ ଯାଞ୍ଚ କରି ଗାଡିରେ ନ ଥିବା କହି ଛାଡି ଦେଇଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ଛତିଶଗଡର କୋଣ୍ଟାରୁ ମାତ୍ର ୬ କିଲୋମିଟର ଦୂର ଆନ୍ଧ୍ରପ୍ରଦେଶର ଚିନ୍ତୁର ପୁଲିସ ଉକ୍ତ ଗାଡିକୁ ଅଟକାଇବା ସହ ଗାଡିରେ ୪୦ କେଜି ଗଞ୍ଜେଇ ଥିବା ଦର୍ଶାଇ ସେମାନଙ୍କ ନାମରେ ମାମଲା ରୁଜୁ କରିଥିଲେ । ଉକ୍ତ ଘଟଣାକୁ ସନ୍ଦେହ କରି ଛତିଶଗଡର ସାମ୍ବାଦିକମାନେ ସେଠାକାର ଥାନା ଅଧିକାରୀଙ୍କ କାର୍ଯ୍ୟକଳାପକୁ ସନ୍ଦେହ କରିଥିଲେ । ଚିନ୍ତୁର ଥାନା ଅଧିକାରୀ ଛତିଶଗଡର କୋଣ୍ଟା ଆସି ସିସିଟିଭି ଫୁଟେଜ ସଂଗ୍ରହ କରିଥିଲେ । ପରେ ଛତିଶଗଡ ପୁଲିସ ଅଧିକାରୀ ଚିନ୍ତୁର ଥାନା ଘଟଣାର ତଦନ୍ତ କଲା ପରେ ଏହି ଘଟଣାର ପର୍ଦ୍ଦାଫାଶ ହୋଇଥିଲା । ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିଲମ୍ବିତ କରିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ କରି ଅଦାଲତକୁ ପଠାଇଥିଲେ । କିନ୍ତୁ ୪ ସାମ୍ବାଦିକଙ୍କୁ ଆନ୍ଧ୍ର ଜେଲକୁ ଆନ୍ଧ୍ର ପୁଲିସ ପଠାଇଥିବାରୁ ଅଗଷ୍ଟ ମାସ ୧୭ ତାରିଖ ଦିନ ମାଲକାନଗିରି ଜିଲ୍ଲାର ୫୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି କୋଣ୍ଟା ଯାଇ ଧାରଣାରେ ବସିଥିଲେ । ତା'ସହିତ ଆନ୍ଧ୍ର, ଓଡିଶା, ତେଲେଙ୍ଗାଣା ଓ ଛତିଶଗଡର ୫୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ କୋଣ୍ଟାଠାରେ ଧାରଣାରେ ବସି ପୁଲିସର ବର୍ବରତା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ସେଠାକାର ସବ ଡିଭିଜନାଲ ମାଜିଷ୍ଟ୍ରେଟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ୪ ସାମ୍ବାଦିକ ଜେଲରୁ ଜାମିନରେ ଆସିବା ପରେ ଚାରି ରାଜ୍ୟର ସାମ୍ବାଦିକ ମହଲରେ ସ୍ୱାଗତ କରାଯାଇଛି ।



# ଦଲୀପ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ପାଇଁ ଦଳ ଘୋଷଣା

ନୂଆଦିଲ୍ଲୀ: ଦଲୀପ ଟ୍ରଫି ୨୦୨୪-୨୫ର ଦ୍ୱିତୀୟ ରାଉଣ୍ଡ ପାଇଁ ଦଳରେ କିଛି ପରିବର୍ତ୍ତନ କରିଛନ୍ତି ଚୟନକର୍ତ୍ତା। ଦ୍ୱିତୀୟ ରାଉଣ୍ଡ ସେପ୍ଟେମ୍ବର ୧୨ ତାରିଖରେ ଅନନ୍ତପୁରରେ ଆରମ୍ଭ ହେବ। ଇଣ୍ଡିଆ। ଏର ଅଧିନାୟକ ଶୁଭମନ ଗିଲ୍, କେଏଲ ରାହୁଲ, ଧ୍ରୁବ ଜୁରେଲ, କୁଲଦୀପ ଯାଦବ ଓ ଅ ।କାଶଦୀପଙ୍କୁ ବାଂଲାଦେଶ ବିପକ୍ଷ ସିରିଜ୍‌ର ପ୍ରଥମ ଟେଷ୍ଟ ପାଇଁ ଦଳରେ ଚୟନ କରାଯାଇଛି। ଏହି ସବୁ ଖେଳାଳି ଦଲୀପ ଟ୍ରଫିର ଦ୍ୱିତୀୟ ରାଉଣ୍ଡରେ ଯୋଗ ଦେଇ ପାରିବେ ନାହିଁ।

ଇଣ୍ଡିଆ ଏରେ ଶୁଭମନଙ୍କ ସ୍ଥାନରେ ପ୍ରଥମ ସିଂ, କେଏଲ ରାହୁଲଙ୍କ ବଦଳରେ ଅକ୍ଷୟ ୱାଡକର, ଧ୍ରୁବ ଜୁରେଲଙ୍କ ସ୍ଥାନରେ ଏସକେ ରଶିଦ, କୁଲଦୀପ ଯାଦବଙ୍କ ସ୍ଥାନରେ ଶମ୍ସ ମୁଲାନି ଏବଂ ଆକାଶଦୀପଙ୍କ ସ୍ଥାନରେ ଅ ।କିବ ଖାନଙ୍କୁ ଦଳରେ ସାମିଲ କରାଯାଇଛି। ସେହିପରି ମୟଙ୍କ ଅଗ୍ରୱାଲ ଇଣ୍ଡିଆ ଏର ନେତୃତ୍ୱ ନେବେ।

ଇଣ୍ଡିଆ ଏ: ମୟଙ୍କ ଅଗ୍ରୱାଲ(ଅଧିନାୟକ), ରିୟାନ ପରାଗ, ତିଳକ ବର୍ମା, ଶିବମ ଦୁବେ, ତନୁଷ କୋଟିୟନ, ପ୍ରସିଦ୍ଧ କ୍ରିଷ୍ଣା, ଖଲିଲ ଅହମ୍ମଦ, ଅଭେଶ ଖାନ, କୁମାର କୁଶାଗ୍ରା, ଶାଶ୍ୱତ ରାୱତ, ପ୍ରଥମ ସିଂ, ଅକ୍ଷୟ ୱାଡକର, ଏସକେ ରଶିଦ, ଶମ୍ସ ମୁଲାନୀ, ଅ ।କିବ ଖାନ।



ଇଣ୍ଡିଆ ବିରୁ ଯଶସ୍ୱୀ ଜୟସ୍ୱାଲ, ଋଷଭ ପନ୍ତଙ୍କୁ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ପାଇଁ ଭାରତୀୟ ଦଳରେ ସାମିଲ କରାଯାଇଛି। ଇଣ୍ଡିଅ ।ରେ ଯଶସ୍ୱୀଙ୍କ ସ୍ଥାନରେ ସୁୟଶ ପ୍ରଭୁଦେଶାଇ ଏବଂ ଋଷଭ ପନ୍ତଙ୍କ ସ୍ଥାନରେ ରିଙ୍କୁ ସିଂଙ୍କୁ ସାମିଲ କରାଯାଇଛି। ଯଶ ଦୟାଲ ଓ ସରଫରାଜ ଖାନଙ୍କୁ ମଧ୍ୟ ଟେଷ୍ଟ ଦଳରେ ସୁଯୋଗ ମିଳିଛି। ତେବେ ଏହି ଦୁଇ ଖେଳାଳି ଦଲୀପ ଟ୍ରଫିର ଦ୍ୱିତୀୟ ରାଉଣ୍ଡରେ ଖେଳିବେ ।ଇଣ୍ଡିଆ ବି: ଅଭିମନ୍ୟୁ ଈଶ୍ୱରନ(ଅଧିନାୟକ), ସରଫରାଜ ଖାନ, ମୁଶୀର ଖାନ, ନୀତିଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର, ନବଦୀପ ସାଇନି, ମୁକେଶ କୁମାର, ରାହୁଲ ଚହର, ଅ ।ର ସାଇ କିଶୋର, ମୋହିତ ଅବସ୍ଥି, ଏନ ଜଗଦୀଶନ, ସୁୟଶ ପ୍ରଭୁଦେଶାଇ, ରିଙ୍କୁ ସିଂ, ହିମାଂଶୁ ମନ୍ତ୍ରୀ । ଇଣ୍ଡିଆ ଡିରୁ ଅକ୍ଷର ପଟେଲ୍ ଭାରତୀୟ ଦଳରେ ସ୍ଥାନ ମିଳିଛି। ଏବେ ଇଣ୍ଡିଆ ଡିରେ ନିଶାନ୍ତ ସିନ୍ଧୁ ତାଙ୍କ ସ୍ଥାନ ନେବେ ଆହତ କାରଣରୁ ତୁଷାର ଦେଶପାଣ୍ଡେ ଦ୍ୱିତୀୟ ରାଉଣ୍ଡ ଖେଳି ପାରିବେ ନାହିଁ। ତାଙ୍କ ସ୍ଥାନରେ ବିଦବତ କାୱରେପ୍ପାଙ୍କୁ ଇଣ୍ଡିଅ। ଡିରେ ସାମିଲ କରାଯାଇଛି।

ଇଣ୍ଡିଆ ଡି: ଶ୍ରେୟସ ଆୟର (ଅଧିନାୟକ), ଅଥର୍ବ ତାଇଡେ, ଯଶ ଦୁବେ, ଦେବଦତ୍ତ ପାଡିକଲ, ରିକି ଭୁଇ, ସାରଂଶ ଜୈନ, ଅର୍ଶଦୀପ ସିଂ, ଆଦିତ୍ୟ ଥକାରେ, ହର୍ଷିତ ରାଣା, ଆକାଶ ସେନଗୁପ୍ତା, କେଏସ ଭରତ, ସୌରଭ କୁମାର, ସଞ୍ଜୁ ସାମସନ, ନିଶାନ୍ତ ସିନ୍ଧୁ, ଦିବଦତ୍ତ କାୱରେପ୍ପା । ଇଣ୍ଡିଆରେ ସିରେ କୌଣସି ପରିବର୍ତ୍ତନ ହୋଇ ନାହିଁ

# ଭିନେଶ ନିଷ୍ପତ୍ତିରେ ଖୁସି ନାହାନ୍ତି ଗୁରୁ

ନୂଆଦିଲ୍ଲୀ,୧୦।୯: କୁସ୍ତିଯୋଦ୍ଧା ବିନେଶ ଫୋଗଟ ଗତ ଶୁକ୍ରବାର କଂଗ୍ରେସ ପାର୍ଟିରେ ସାମିଲ ହୋଇଯାଇଛନ୍ତି। ଏହାପରେ ଦଳ ତାଙ୍କୁ ହରିୟଣା ବିଧାନସଭା ପାଇଁ ପ୍ରାର୍ଥୀ କରିଛି। ବିନେଶ କଂଗ୍ରେସରେ ସାମିଲ ହେବାପରେ ରାଜନେତାଙ୍କ ଠାରୁ ଅ ।ରମ୍ଭ କରି ସାଧାରଣଜନତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି





ଖବର ମିଳିଛି କି ବିନେଶଙ୍କ କଂଗ୍ରେସରେ ମିଶିବା ନିଷ୍ପତ୍ତିରେ ମାମୁଁ ଓ କୁସ୍ତି ଗୁରୁ ମହାବୀର ସିଂହ ଖୁସି ନାହାନ୍ତି।

ମହାବୀର ଫୋଗଟ କହିଛନ୍ତି, ବିନେଶଙ୍କ ଏଭଳି ନିଷ୍ପତ୍ତିରେ ମୁଁ ଅ ।ଦେ ଖୁସି ନୁହେଁ। ମୁଁ ଚାହୁଁଛି ରାଜନୀତି ଛାଡ଼ି ସେ ଆଉ ଏକ ଅଲିମ୍ପିକ୍ସ ଖେଳୁ। ଭିନେଶ ଫୋଗଟ ହରିୟାଣାର ଜୁଲାନା ବିଧାନସଭା ଆସନରେ ନିର୍ବାଚନ ଲଢୁଛନ୍ତି। ଏଥିପାଇଁ ବିନେଶ ତାଙ୍କ ବାପାଙ୍କ ପେତୃକ ଗାଁ ବକ୍ତା ଖେଡ଼ାରୁ ଜୁଲାନା ବିଧାନସଭା ନିର୍ବାଚନର ପ୍ରଚାର ଅ ।ରମ୍ଭ କରିଦେଇଛନ୍ତି ।ଏହି ସମୟରେ ବିନେଶ ରୋଡ ସୋ ବି କରିଛନ୍ତି। ବିନେଶ ଫୋଗଟ କଂଗ୍ରେସରେ ଯୋଗ ଦେବା ।ପରେ କହିଥିଲେ, ମୁଁ ଅ ।ଶ କରୁଛି ଅ ।ପଣମାନେ ମୋତେ ଯେଉଁ ଉଦ୍ଦେଶ୍ୟ ରଖି ଦଳରେ ସାମିଲ କରିଛନ୍ତି ମୁଁ ତାହାକୁ ପୁରଣ କରିପାରେ କଂଗ୍ରେସକୁ ମୋର ଅଶେଷ ଅଶେଷ ଧନ୍ୟବାଦ ଖରାପ ସମୟରେ ହିଁ ଜଣାଯାଇଥାଏ। ନିଜର କିଏ ନିଜକୁ ଗର୍ବିତ ମନେ କରୁଛି। କାରଣ ମୁଁ ଆଜି ଏମିତି ଏକ ଦଳରେ ସାମିଲ ହୋଇଛି। ଯିଏକି ସର୍ବଦା ମହିଳାଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ ଥାଏ।

ଯେତେବେଳେ ଆମକୁ ରାସ୍ତା ଘୋଷଡା ଯାଉଥିଲା। ବିଜେପି(ଭାରତୀୟ ଜନତା ପାର୍ଟି)କୁ ଛାଡ଼ିଦେଲେ ସମସ୍ତ ଦଳ ଅ ।ମର ସମର୍ଥନ କରିଥିଲେ। ଆଜିଠାରୁ ମୁଁ ଏକ ନୂଆ ରାସ୍ତାରେ ପାଦ ଦେଇଛି। ଯେଉଁ ଲଢ଼େଇ ଥିଲା ତାହା ଜାରି ତ ରହିଥିବ। ମୋର ବିଶ୍ୱାସ ମୁଁ ସେହି ଲଢ଼େଇ ବି ଜିତିବି। ଭୟ କରିବି ନାହିଁ କି ପଛକୁ ଘୁଞ୍ଚିବି ନାହିଁ।

# ପାକିସ୍ତାନ ଯିବ ଆଇସିସି ଟିମ୍

ଦୁବାଇ/ଲାହୋର,୧୦।୯: ଅ ।ସନ୍ତା ବର୍ଷ ପାକିସ୍ତାନରେ ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ ଅ ।ୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କରାଚି, ରାୱଲପିଣ୍ଡି ଏବଂ ଲାହୋରରେ

## ଚାମ୍ପିଅନ୍ସ ଟ୍ରଫି ପ୍ରସ୍ତୁତିର ଯାଞ୍ଚ କରିବେ




ପଡ଼ିଆର ନବୀକରଣ ପ୍ରକ୍ରିୟା ବହୁ ପୂର୍ବରୁ ଅ ।ରମ୍ଭ ହୋଇଥିଲା। ଏହି ପ୍ରସ୍ତୁତି ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦର ଏକ ପ୍ରତିନିଧି ଦଳ ଏବେ ପାକିସ୍ତାନ ଅ ।ସି ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି। ଏହି ପ୍ରତିନିଧି ଦଳରେ ଅ ।ଇସିସିର ବିଭିନ୍ନ ବିଭାଗର ଅଧିକାରୀ ମାନେ ରହିବେ, ଯେଉଁମାନେ ମ୍ୟାଚ୍ ଏବଂ ଭେନ୍ୟୁ ଅଭ୍ୟାସ କରିବା ପାଇଁ ଟୁର୍ଣ୍ଣାମେଣ୍ଟ କାର୍ଯ୍ୟସୂଚୀ ସହ ଜଡ଼ିତ ଅନେକ ବିଷୟର ଯାଞ୍ଚ କରିବେ।

ଅନ୍ତର୍ଜାତୀୟ କ୍ରିକେଟ ପରିଷଦର ଏକ ପ୍ରତିନିଧି ଦଳ ଏବେ ପାକିସ୍ତାନ ଅ ।ସି ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି ।ଏହି ପ୍ରତିନିଧି ଦଳରେ ଅ ।ଇସିସିର ବିଭିନ୍ନ ବିଭାଗର ଅଧିକାରୀ ମାନେ ରହିବେ, ଯେଉଁମାନେ ମ୍ୟାଚ୍ ଏବଂ ଭେନ୍ୟୁ ଅଭ୍ୟାସ କରିବା ପାଇଁ ଟୁର୍ଣ୍ଣାମେଣ୍ଟ କାର୍ଯ୍ୟସୂଚୀ ସହ ଜଡ଼ିତ ଅନେକ ବିଷୟର ଯାଞ୍ଚ କରିବେ

ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି)ର ଅଧିକାରୀମାନେ ପଡ଼ିଅ। ଓ ଅନ୍ୟାନ୍ୟ ବିଷୟରେ କେତେ କାମ ହୋଇଛି ସେ ସମ୍ପର୍କରେ ବିସ୍ତୃତ ସୂଚନା ଦେବେ ସୂତ୍ର ଅନୁସାରେ ଅ ।ସନ୍ତା ୨ ଦିନ ମଧ୍ୟରେ ଅ ।ଇସିସି ପିସିବିକୁ ଚୂଡ଼ାନ୍ତ କାର୍ଯ୍ୟସୂଚୀର ନକଲ ଦେଇପାରେ। ଏଥି ସହ ଅ ।ଇସିସି ଅଧିକାରୀମାନେ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍ ଖେଳାଯିବାକୁ ଥିବା ତିନୋଟି ଷ୍ଟାଡିୟମର ଯାଞ୍ଚ କରିବେ। ସେପଟେ ପାକିସ୍ତାନରେ ଟିକେଟ ବିକ୍ରିରେ ମଧ୍ୟ ସମସ୍ୟା ଉପୁଜୁଥିବାବେଳେ ଅଧିକାରୀମାନେ ମଧ୍ୟ ଏ ଦିଗରେ ଦୃଷ୍ଟି ଦେବାକୁ ଯାଉଛନ୍ତି। ସୁରକ୍ଷା ଦିଗ ଉପରେ ଆଇସିସି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛି। ପାକିସ୍ତାନକୁ ଅ ।ସିବାକୁ ଥିବା ଅନ୍ୟ ଦେଶର ଖେଳାଳିମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି। ଏପରିକି ସୁରକ୍ଷାରେ ଅ ।ଇସିସି ସନ୍ତୁଷ୍ଟ ନହେଲେ ଅ ।ୟୋଜନ ଦାୟିତ୍ୱ ବି ହରାଇପାରେ ପାକିସ୍ତାନ।

# ଆଜିଠୁ ଏସିଆ କନିଷ୍ଠ ସାଫ୍ କ୍ରୀଡ଼ା

କଟକ,୧୦।୯: ଦକ୍ଷିଣ ଏସିଅ। କ୍ରୀଡ଼ା ଫେଡେରେସନ୍ (ସାଫ୍) ପକ୍ଷରୁ ଦକ୍ଷିଣ ଏସିଆ କନିଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ ଚେନ୍ନାଇରେ ଅନୁଷ୍ଠିତ ହେବ। ଏଥିରେ ସାରା ଦେଶରୁ ୫୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଥିବା ବେଳେ ଓଡ଼ିଶାରୁ ୪ ଜଣ କଳାହାଣ୍ଡିର ଦଣ୍ଡପତି ଏମ୍ ଜୟରାମ, ନବରଙ୍ଗପୁରର ମହେନ୍ଦ୍ର ସାନ୍ତା, ସୁନ୍ଦରଗଡ଼ର ସବିତା ଟପୋ ଓ ପ୍ରତୀକ ମହାରଣା ଅଛନ୍ତି। ଜୟରାମ ୧୦୦, ୨୦୦ ମିଟର ଦୌଡ଼ ଓ ୪୦୦ ମିଟର ରିଲେ, ପ୍ରତୀକ ୨୦୦ ମିଟର ଦୌଡ଼, ମହେନ୍ଦ୍ର ୪୦୦ ମିଟର ରିଲେ ଏବଂ ସବିତା ୧୦୦ ମିଟର ବାଧାଦୌଡ଼ରେ ଭାଗ ନେବେ। ଏହି ଖେଳାଳିମାନେ ଭୁବନେଶ୍ୱର କଳିଙ୍ଗ ଓ ରାଉରକେଲା ଷ୍ଟାଡିୟମ୍‌ରେ ରୋହିତ ମାନେ ଓ ଶିବ ପ୍ରସାଦ ମିଶ୍ରଙ୍କ ଅଧୀନରେ ଅଭ୍ୟାସ କରୁଛନ୍ତି। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶାର ପ୍ରବୋଧ କୁମାର ମହାନ୍ତି ବୈଷୟିକ ଅଧିକାରୀ ରହିଛନ୍ତି। ଓଡ଼ିଶା ଅଲିମ୍ପିକ ସଂଘ ସଭାପତି ଡକ୍ଟର ଜି.ଏସ୍. ପଟ୍ଟନାୟକ ଓ ସଂପାଦକ ଆଶୀର୍ବାଦ ବେହେରା ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି। ୧୨ ଜଣିଅ। ପାକିସ୍ତାନୀ କଣ୍ଟିଜେଣ୍ଟ ଅ ।ସନ୍ତା ଜୁନିୟର ଚାମ୍ପିଅନସିପ୍ ପାଇଁ ଚେନ୍ନାଇକୁ ଯାଇଛନ୍ତି । ଶନିବାର ଭିସା ଅନୁମୋଦନ ପରେ କଣ୍ଟିଜେଣ୍ଟ ଚେନ୍ନାଇ ଅଭିମୁଖେ ଯାତ୍ରା କରିଛି।



# ଆଫଗାନିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚ୍‌ରେ ଘୋର ଅବ୍ୟବସ୍ଥା



ନୂଆଦିଲ୍ଲୀ,୧୦।୯: ଗ୍ରେଟର ନୋଏଡାରେ ଅ ।ଫଗାନିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳା ଯାଉଥିବା ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନର ଖେଳି ବି ହୋଇ ପାରି ନାହିଁ। ସୀମା ତ ତେବେ ଟପିଗଲା ଯେବେ ପଡ଼ିଆ ସୁଖାଇବା ପାଇଁ ଅନେକ ପ୍ରକାରର ଯୋଗାଡ଼ କରାଗଲା। ଏହା ସତ୍ତ୍ୱେ ବି ମ୍ୟାଚ୍ ଆରମ୍ଭ ହୋଇପାରିଲା ନାହିଁ। ଚରମରେ ପହଞ୍ଚି ଯାଇଛି। ଆୟୋଜକଙ୍କ ଅବ୍ୟବସ୍ଥା ଦୁଇ ଦିନ ପରେ ବି ବଲ୍‌ଟିଏ ପଡ଼ିପାରିଲା ନାହିଁ ।

## ଭଡ଼ାରେ ଅଣାଗଲା ପଙ୍ଖା ଓ କଭର

ଗ୍ରେଟର ନୋଏଡ଼ାର ସହିଦ ବିଜୟ ସିଂ ପଥିକ ଷ୍ଟାଡିୟମରେ ନିମ୍ନମାନର ଜଳ ନିଷ୍କାସନ, ଓଦା ଅ ।ଉଟ୍ ଫିଲ୍ଡ ଏବଂ ଦୟନୀୟ ସୁବିଧା କାରଣରୁ ଐତିହାସିକ ଏକମାତ୍ର ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନର ଖେଳ ବି ଅ ।ରମ୍ଭ ହୋଇ ପାରି ନ ଥିଲା ପ୍ରଥମ ଦିନର ଖେଳରେ ଗୋଟିଏ ବଲ୍ ପଡ଼ି ପାରି ନ ଥିଲା। ଆଶା କରାଯାଉଥିଲା ଦ୍ୱିତୀୟ ଦିନରେ ଖେଳ ଆରମ୍ଭ ହେବ। କିନ୍ତୁ ଷ୍ଟାଡିୟମରେ ଅତ୍ୟନ୍ତ ଦୟନୀୟ ପରିଚାଳନା କାରଣରୁ ଦ୍ୱିତୀୟ ଦିନରେ ବି ଖେଳ ଆରମ୍ଭ ହୋଇ ପାରିଲା ନାହିଁ। ଆଫଗାନିସ୍ତାନ ଖେଳାଳି ନିରାଶ ଥିବା ବେଳେ ନ୍ୟୁଜିଲାଣ୍ଡର ଖେଳାଳି ଷ୍ଟାଡିୟମର ଏମିତି ସ୍ଥିତି ଆଚମ୍ବିତ ଆୟୋଜକ ଏକମାତ୍ର ଟେଷ୍ଟର ଆୟୋଜନ ପାଇଁ ମୌଳିକ ସୁବିଧା ମଧ୍ୟ ଯୋଗାଇ ପାରିଲେ ନାହିଁ ।ଓଦା ଆଉଟ୍‌ଫିଲ୍ଡ କାରଣରୁ ପୁରା ଦିନର ଖେଳ ଧୋଇଯିବା ପରେ ଗ୍ରାଉଣ୍ଡ ଷ୍ଟାଫ ମିଡ୍ ଅନ ନିକଟରେ ତିନି ଫୁଟର ଗାତ ଖୋଳିଛନ୍ତି ଓଦାଳିଆ ଜାଗାରେ ସୁଖିଲା ମାଟି ଓ କୃତ୍ରିମ ଘାସ ଲଗାଇବାକୁ ଚେଷ୍ଟା କରିଥିଲେ ତଥାପି ଏହା ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ପାରିଲା ନାହିଁ ପୁରା ଆଉଟଫିଲ୍ଡ ଅନ୍ତର୍ଜାତୀୟ କ୍ରିକେଟ୍ ଅ ।ୟୋଜନ ପାଇଁ ଉପଯୁକ୍ତ ନହିଁ ଏଠାରେ ଖେଳାଳିଙ୍କୁ ଆଘାତ ଲାଗିବାର ବିପଦ ରହିଛି ।

ଷ୍ଟାଡିୟମରେ ଗ୍ରାଉଣ୍ଡ ଷ୍ଟାଫରେ ୨୦ରୁ ୨୫ ସଦସ୍ୟ ଓ ୧୫ ଆଉଟ୍ ସୋର୍ସ ରହିଛନ୍ତି ପଡ଼ିଅ ।ରେ ୫ ସୁପର ସୋପର ରହିଛି, ଯେଉଁଥିରେ ଦୁଇଟି ସ୍ୱୟଂଚାଳିତ ଓ ତିନୋଟି ସୁପରସୋପର ମାନୁଅ ।ଲ ରହିଛି ଏପରିକି ପଡ଼ିଆ ସୁଖାଇବା ପାଇଁ କଭର ଓ ପଙ୍ଖା ଟେଷ୍ଟ ହାଉସରୁ ଭଡ଼ାରେ ନିଆଯାଇଛି। ଏଥିରୁ ସ୍ପଷ୍ଟ ହୋଇଛି ଯେ, ଆୟୋଜକ ବର୍ଷା ପାଇଁ ପ୍ରସ୍ତୁତ ନ ଥିଲେ। ସେମାନଙ୍କ ପାଖରେ ପୁରା ମଇଦାନରେ କଭର ପାଇଁ ମୌଳିକ ସମ୍ବଳର ଅଭାବ ରହିଥିଲା ଦୁଇ ଦଳର ଖେଳାଳି ପରିସ୍ଥିତିକୁ ଦେଖି ଏତିକି ସୁନିଶ୍ଚିତ ହୋଇ ଯାଇଥିଲେ ଯେ, ସେମାନେ ହୋଟେଲ୍‌ରେ ରହିବାକୁ ଉଚିତ ମନେ କରିଥିଲେ। ଏତେ ଅବହେଳା ମନୋଭାବ କାରଣରୁ ଆଇସିସି ଏହି ମଇଦାନକୁ ଅନ୍ତର୍ଜାତୀୟ କ୍ରିକେଟ୍ ପାଇଁ ଅଯୋଗ୍ୟ ଘୋଷିତ କରିପାରେ। ଷ୍ଟାଡିୟମରେ କର୍ମଚାରୀମାନଙ୍କୁ ନିଜର ଖାଇବା ଥାଳି ଧୋଇବା ଏବଂ ରୋଷେଇ ପାଇଁ ୱାସରୁମ୍‌ର ନଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି ଅନଭିଜ୍ଞ ପଡ଼ିଆ କର୍ମଚାରୀଙ୍କ ପାଇଁ ଏମିତି ସ୍ଥିତି ଦେଖିବାକୁ ମିଳିଥିବା କୁହାଯାଉଛି।

# ଅଶ୍ୱିନଙ୍କ ବିକଳ୍ପ ଯୁବ ଷ୍ଟାର ହିମାଂଶୁଙ୍କୁ ସୁଯୋଗ

ନୂଅ ।ଦିଲ୍ଲୀ ୧୦/୦୯: ସେପ୍ଟେମ୍ବର ୧୯ରୁ ଟିମ୍ ଇଣ୍ଡିଆର ବାଂଲା ଅଭିଯାନ ଚେନ୍ନାଇରେ ଖେଳାଯିବ ସିରିଜ୍। ପ୍ରଥମ ଟେଷ୍ଟ ସିରିଜ ପାଇଁ ଘୋଷଣା ହୋଇଛି ଦଳ। ତେବେ ସେପ୍ଟେମ୍ବର ୧୩ ସୁଦ୍ଧା ଚେନ୍ନାଇ କ୍ୟାମ୍ପରେ ସାମିଲ ହେବାକୁ ନିଷ୍ପତ୍ତି ନେଇଛି ବିସିସିଆଇ। ତେବେ ଏହି ଶିବିରରେ ଭେଟରାନଙ୍କ ସହ ସାମିଲ ହୋଇଛନ୍ତି ୟୁଥ ବ୍ରିଗେଡ।

ଏଥର ଯୁବପିଢୀଙ୍କ ସହ ଜଣେ ୨୧ ବର୍ଷୀୟ ଯୁବକଙ୍କୁ ମିଳିଛି ଚାନ୍ସ। ମୁମ୍ବାଇ ପାଇଁ ଖେଳୁଥିବା ଏହି ବୋଲରଙ୍କ କାର୍ଯ୍ୟଦକ୍ଷତାଙ୍କୁ ଚାନ୍ସ ଦେଇଛି ବିସିସିଅ ।ଇ। ତେବେ କିଏ ଏହି ବୋଲର ? ଯାହାଙ୍କ ବୋଲିଂ ଷ୍ଟାଇଲ ପୁରା ସ୍ପିନର ଅଶ୍ୱିନଙ୍କ ପରି ? ନାଁ ତାଙ୍କର ହିଂମାଶୁ ସିଂହ। ଅଶ୍ୱିନଙ୍କ ପରି ହିଂମାଶୁ କରନ୍ତି ସ୍ପିନ ବୋଲିଂ ନିକଟରେ ମୁମ୍ବାଇ ଏହି ବୋଲର ଖେଳିଥିଲେ ଘରୋଇ କ୍ରିକେଟ୍ ମ୍ୟାଚ୍। ଯେଉଁଥିରେ ହାତେଇଥିଲେ ୭ଟି ୱିକେଟ୍ ଅ ।ଉ ତାଙ୍କ ବୋଲିଂ ଷ୍ଟାଇଲ୍ ଦେଖି ପ୍ରଭାବିତ ହୋଇଥିଲେ ଚିଫ୍ ସିଲେକ୍ଟର ଅଜିତ ଅଗରକର।

ହିମାଂଶୁଙ୍କର ହାଇଟ ଓ କାର୍ଯ୍ୟଶୈଳୀ ଅଶ୍ୱିନଙ୍କ ପରି। ବଲ ଉପରେ ବି ଜବରଦସ୍ତ କଣ୍ଟ୍ରୋଲ। କେଟି ମେମୋରିଆଲ ଟୁର୍ଣ୍ଣାମେଣ୍ଟରେ ଅ ।ନ୍ଧ୍ରପ୍ରଦେଶ ବିପକ୍ଷରେ ୭୪ ରନ୍ ଦେଇ ହିମାଂଶୁ ନେଇଥିଲେ ୫ ୱିକେଟ୍। ପୂର୍ବରୁ ୨୦୨୩-୨୪ ସିଜନରେ ଅଣ୍ଡର-୨୪ ସି.କେ ନାଇଡୁ ଟ୍ରଫିରେ ୮ଟି ମ୍ୟାଚରେ ନେଇଥିଲେ ୩୮ ୱିକେଟ୍। ଖାଲି ସେତିକି ନୁହେଁ ସେ ୪ ଥର ଗୋଟିଏ ଇନିଂସରେ ନେଇଛନ୍ତି ୫ ୱିକେଟ୍।

ବିସିସିଆଇର ତତ୍ତ୍ୱାବଧାନରେ ହିମାଂଶୁ ଅନନ୍ତପୁର ଏବଂ ବେଙ୍ଗାଲୁରୁ ନେଉଥିଲେ ଟ୍ରେନିଂ। ଆଉ ତାଙ୍କର ଖେଳରେ ଉନ୍ନତି ପରେ ବେଶ୍ ଖୁସ୍ ଟିମ୍ ଇଣ୍ଡିଅ ।ର ମ୍ୟାନେଜମେଣ୍ଟ ପରେ ହିଂମାଶୁ ପରିଶ୍ରମକୁ ମିଳିଥିଲା ସଫଳତା। ସବୁଦିନ ପାଇଁ ଖୋଲିଯାଇଥିଲା ଟିମ୍ ଇଣ୍ଡିଆର ଦ୍ୱାର। ଟିମ୍‌ରେ ସାମିଲ ହେବାକୁ ବିସିସିଅ ।ଇରୁ ମିଳିଥିଲା ଫୋନ କଲ୍। ଏବେ ସେ ଖେଳିବେ କି ନାହିଁ ସ୍ପଷ୍ଟ ହୋଇନି। ତଥାପି ଷ୍ଟାଣ୍ଡ ବାଏ ରହିବେ ବୋଲି ଜଣାପଡିଛି।

ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏହି ସିରିଜ୍ ପାକିସ୍ତାନକୁ ହରାଇବା ପରେ ଫୁଲ୍ ଫର୍ମରେ ଟିମ୍ ବାଂଲାଦେଶ। ପାକିସ୍ତାନରେ ବେଶ୍ ଦମଦାର ପ୍ରଧର୍ଶନ ଦେଖାଇଥିଲେ ବାଂଲାଦେଶୀ ସ୍ପିନର ସେହିଭଳି ବର୍ତ୍ତମାନ ଭାରତୀୟ ବ୍ୟାଟରଙ୍କ ଫର୍ମ ସେତେଟା ଭଲ ନାହିଁ। ଏଭଳି ସ୍ଥିତିରେ ସ୍ପିନରଙ୍କ ଉପରେ ଅ ।ଶା ରଖିଛି ଟିମ୍ ଖାସ୍ କରି ନ୍ୟୁ କମରଙ୍କୁ ମିଳୁଛି ଚାନ୍ସ ଏହାକୁ ଦୃଷ୍ଟିରେ ରଖି ବିସିସିଅ ।ଇ ହିମାଂଶୁ ଦେଇଛି ସୁଯୋଗ।

# ସୂର୍ଯ୍ୟକୁମାରଙ୍କୁ ଆଣିବାକୁ ଚାହୁଁଛି ଆରସିବି

ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୫ରେ ଅନେକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଆଇପିଏଲ୍‌ର ଆଗାମୀ ସିଜିନକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଛି। ଏହା ପୂର୍ବରୁ ଅନୁଷ୍ଠିତ ହେବ ଖେଳାଳିଙ୍କ ମେଗା ନିଲାମୀ ସବୁ ଫ୍ରାଞ୍ଚାଇଜ୍ ୪ ଜଣ ଲେଖାଏଁ ପ୍ଲେୟରଙ୍କୁ ଛାଡି ଅନ୍ୟ ପ୍ଲେୟରଙ୍କୁ କରିବ ରିଲିଜ୍। ଏପରି ହେବା ଦ୍ୱାରା ଅନେକ ପ୍ଲେୟର ଅନ୍ୟ ଟିମ୍ ପାଇଁ ଖେଳୁଥିବା ଦେଖିବାକୁ ମିଳିବେ। ତେବେ ଅ ।ଗାମୀ ସିଜିନ୍‌ରେ ଟ୍ରଫି ପାଇଁ ଜୋରଦାର ପ୍ରୟାସ ଅ ।ରମ୍ଭ କରିଛି ଅ ।ରସିବି। ଖାସ୍ କରି ଟିମ୍ ମଜବୁତ କରିବାକୁ ଚାହୁଁଛି ଫ୍ରାଞ୍ଚାଇଜ୍। ତେଣୁ ଏକ ନୂଅ। କ୍ୟାପଟେନ୍ ଅ ।ଣିବାକୁ ଚେଷ୍ଟା କରୁଛି ଫ୍ରାଞ୍ଚାଇଜ୍। ବର୍ତ୍ତମାନ ଫାଫ୍ ଡୁ ପ୍ଲେସିସ୍ ରିଲିଜ୍ କରିବାକୁ ହେଉଛି ପ୍ରସ୍ତୁତ। ଏଭଳି ପରିସ୍ଥିତିରେ ଫ୍ରାଞ୍ଚାଇଜ୍ ଜଣେ ଭାରତୀୟ ଖେଳାଳିଙ୍କ ଉପରେ ରଖିଛି ।ନଜର ଯିଏକି ଆସନ୍ତା କିଛି ବର୍ଷ ମଧ୍ୟରେ ଦଳର ଦାୟିତ୍ୱ ନେଇପାରିବ ଏବଂ ଟିମ୍‌କୁ ପ୍ରଥମ ଟାଇଟଲ୍ ଜିତାଇ ପାରିବ।

# ୧୦ ବର୍ଷ ପରେ ଇଂଲଣ୍ଡରେ ଜିତିଲା ଶ୍ରୀଲଙ୍କା

ଲଣ୍ଡନ,୧୦।୯(ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଶ୍ରୀଲଙ୍କା ପ୍ରଥମ ବିଜୟ ହାସଲ କରିଛି ତୃତୀୟ ତଥା ଶେଷ ଟେଷ୍ଟ୍‌କୁ ୮ ୱିକେଟ୍‌ରେ ଜିତି ତିନି ଟିକିଆ ଶୃଙ୍ଖଳାରେ ପରାଜୟ ବ୍ୟବଧାନକୁ ୨-୧କୁ କମାଇବା ସହ ମୂଳପୋଛ ପରାଜୟ ଲଜ୍ଜାରୁ ବର୍ତ୍ତିଯାଇଛି। ଓପନର ପଥୁମ ନିଶଙ୍କ ଇଂଲଣ୍ଡକୁ ନିଜ ଔଷଧର ମଜା ଚଖାଇଛନ୍ତି। ସେ ୧୨୪ ବଲ୍‌ରୁ ୧୩ ଚେକା ଓ ୨ ଛକା ବଳରେ ୧୨୭ଅପରାଜିତ ରନ୍‌ର ଶତକୀୟ ପାଳି ଖେଳି ଶ୍ରୀଲଙ୍କାକୁ ଏହି ସାନ୍ତ୍ୱନାମୂଳକ ବିଜୟ ଉପହାର ଦେଇଛନ୍ତି। ନିଶଙ୍କ ଓ ପୁରୁଖା ବ୍ୟାଟର୍ ଅ ।ଞ୍ଜେଲୋ ମାଥ୍ୟୁସ ଅବିଭାଜିତ ତୃତୀୟ ୱିକେଟ୍‌ରେ ୧୧୧ ରନ୍ ଯୋଡ଼ିବା ପରେ ଶ୍ରୀଲଙ୍କା ସୋମବାର ଚତୁର୍ଥ ଦିବସ ମଧ୍ୟାହ୍ନ ଭୋଜନ ପୂର୍ବରୁ ବିଜୟର ମିଠାମିଠା ସ୍ୱାଦ ଚାଖିଥିଲା।

ଗତ ଦଶ ବର୍ଷ ମଧ୍ୟରେ ଇଂଲଣ୍ଡ ମାଟିରେ ଶ୍ରୀଲଙ୍କାର ଏହା ପ୍ରଥମ ଏବଂ ମୋଟ ଉପରେ ଚତୁର୍ଥ ଟେଷ୍ଟ ବିଜୟ ଅନ୍ୟପକ୍ଷରେ ଅଚାନକ ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇ ଇଂଲଣ୍ଡ ଘରୋଇ ମାଟିରେ ଲଗାତାର ମୂଳପୋଛ ଶୃଙ୍ଖଳା ବିଜୟ ହାସଲ କରିବାରୁ ବଞ୍ଚିତ ହୋଇଥିଲା। ଏହା ପୂର୍ବରୁ ଗତ ଜୁଲାଇ ମାସରେ ଇଂଲଣ୍ଡ ତା ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ୩-୦ରେ ମୂଳପୋଛ କରିଥିଲା। ପ୍ରଥମ ପାଳିରେ ୬୪ ଏବଂ ଦ୍ୱିତୀୟରେ ୧୨୭ ରନ୍ କରିଥିବା୍ ନିଶଙ୍କ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି




ବିବେଚିତ ହୋଇଛନ୍ତି। ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋ ରୁଟ୍ (୩୭୫ ରନ୍, ୧ ୱିକେଟ୍) ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ପ୍ରଥମ ପାଳିରେ ୬୨ ରନ୍‌ରେ ପଛୁଅ। ରହିବା ପରେ ଦ୍ୱିତୀୟରେ ଶକ୍ତିଶାଳୀ ଇଂଲଣ୍ଡକୁ ମାତ୍ର ୧୫୬ ରନ୍‌ରେ ଅଲଅ ।ଉଟ୍ କରି ଶ୍ରୀଲଙ୍କା ୨୦୧୪ ପରେ ଇଂଲଣ୍ଡ ମାଟିରେ ପ୍ରଥମ ବିଜୟ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଥିଲା ରବିବାର ତୃତୀୟ ଦିନ ଷ୍ଟମ୍ପ ଅପସାରଣ ସୁଦ୍ଧା ଗୋଟିଏ ୱିକେଟ୍ ବିନିମୟରେ ୯୪ ରନ୍ କରି ଏହି ସମ୍ଭାବନାକୁ ବାସ୍ତବରେ ରୂପାନ୍ତର କରିବାର ନିକଟତର ହୋଇଥିଲା ହାତରେ ୯ ୱିକେଟ୍ ଏବଂ ଐତିହାସିକ ବିଜୟ ପାଇଁ ୧୨୫ ରନ୍‌ର ଦରକାର ଥାଇ ଅ ।ଜିର ଖେଳ ଅ ।ରମ୍ଭ କରିଥିଲା ସିଂହଳୀ ଦଳ ଏହାକୁ ମାତ୍ର ଦୁଇ ଘଣ୍ଟା ଭିତରେ କେବଳ କୁଶଲ ମେଣ୍ଡିସଙ୍କ ୱିକେଟ୍ ହରାଇ ବିଜୟର ଔପଚାରିକତା ପୂରଣ କରିଥିଲା। ନିଶଙ୍କଙ୍କ ବିସ୍ଫୋରକ ବ୍ୟାଟିଂ ଇଂଲଣ୍ଡ ବୋଲରଙ୍କୁ ବିସ୍ମିତ କରିବା ସହ ଶ୍ରୀଲଙ୍କା ପ୍ରଶଂସକଙ୍କୁ ଉଲ୍ଲସିତ କରିଥିଲା।

ସଂକ୍ଷିପ୍ତ ସ୍କୋର୍: ଇଂଲଣ୍ଡ ପ୍ରଥମ ପାଳି: ୩୨୫ ଶ୍ରୀଲଙ୍କା ପ୍ରଥମ ପାଳି: ୨୬୨ ଇଂଲଣ୍ଡ ଦ୍ୱିତୀୟ ପାଳି: ୧୫୬ ଶ୍ରୀଲଙ୍କା ଦ୍ୱିତୀୟ ପାଳି: ୪୦.୩ ଓଭରରେ ୨୧୯/୨ (ପଥୁମ ନିଶଙ୍କ-୧୨୭ଅ, କୁଶଲ ମେଣ୍ଡିସ୍ ୩୯, ଅ ।ଞ୍ଜେଲୋ ମାଥ୍ୟୁସ-୩୨)।

## ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡିଲେ ୨ ବିଶ୍ୱବିଜେତା ଟିମ

ଦୁବାଇ: ଚାମ୍ପିୟନ୍ସ ଟ୍ରଫି ୨୦୨୫ର ପ୍ରସ୍ତୁତି ଜୋରସୋରରେ ଅ ।ରମ୍ଭ ହୋଇଯାଇଛି। ପାକିସ୍ତାନ ଏହାର ଅ ।ୟୋଜକ ରହିଛି । ଚାମ୍ପିୟନ୍ସ ଟ୍ରଫିରେ ଓଭରାଲ ୮ଟି ଟିମ ଅଂଶଗ୍ରହଣ କରିବେ ଏଥର ୨ ବଶ୍ୱବିଜେତା ଟିମ ଏଥିପାଇଁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛନ୍ତି। ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା ୬ଟି ବିଶ୍ୱକପ ଟ୍ରଫି ଜିତିଥିଲେ ମଧ୍ୟ ଯୋଗ୍ୟତା ଅର୍ଜନ ନ କରିପାରିବା ପ୍ରଶଂସକଙ୍କୁ ନିରାଶ କରିଛି। ଏଥିପାଇଁ ଦିନିକିଅ। ବିଶ୍ୱକପ ୨୦୨୩ ସମୟରେ ବିଶ୍ୱ ର୍ୟାଙ୍କିଙ୍ଗର ପ୍ରଥମ ୮ଟି ସ୍ଥାନରେ ରହିଥିବା ଟିମ ଯୋଗ୍ୟତା ହାସଲ କରିବ। ଶ୍ରୀଲଙ୍କା ୯ମ ସ୍ଥାନରେ ରହିଛି। ୱେଷ୍ଟଇଣ୍ଡିଜ ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲା ।ପ୍ରଥମ ଥର ପାଇଁ ଶ୍ରୀଲଙ୍କା ଚାମ୍ପିୟନ୍ସ ଟ୍ରଫି ପାଇଁ ଯୋଗ୍ୟତା ହାସଲ କରିପାରି ନାହିଁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ